Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

✦Vol - 22✦ Issue No:184✦31 October 2026 (Saturday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୮୪✦୩୧ ଅକ୍ଟୋବର ୨୦୨୬ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ବନ୍ୟା ମୁକାବିଲା ନେଇ ସରକାରଙ୍କୁ ଟାର୍ଗେଟ୍ କଲା ବିଜେଡି

ଜବାବ ଦେଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ

ଭୁବନେଶ୍ୱର,୩୦/୧୦(ନି/ପ୍ର):ଗଞ୍ଜାମ ବନ୍ୟା ସ୍ଥିତି ନେଇ ବର୍ଷିଲା ବିଜେଡି । ବନ୍ୟା ମୁକାବିଲା ପାଇଁ ଉପଯୁକ୍ତ ପ୍ରସ୍ତୁତି କରିନଥିବା କହି ସରକାରଙ୍କୁ ଟାର୍ଗେଟ୍ କଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ସେ କହିଛନ୍ତି ଯେ, ଗଞ୍ଜାମ ପ୍ରତି ସରକାରଙ୍କ ଆନ୍ତରିକତା ନାହିଁ । ଜାଣିଶୁଣି ବନ୍ଧ ବାନ୍ଧିଲେ ନାହିଁ । ଯାଜପୁରର ଦୁଇଟିଯାକ ନିର୍ବଚନା ମଣ୍ଡଳୀ ବିଜେଡିର ସେଥିପାଇଁ ଘାଇ ମରାମତି କଲେ ନାହିଁ । ୫୦ ହଜାର ଲୋକଙ୍କୁ ଏୟାର ଲିଫ୍ଟିଂ କରିଦେବେ କହୁଛନ୍ତି, ଏହା ସରକାରଙ୍କ ଡ଼ାହା ମିଛ । ସରକାରଙ୍କ ପାଖରେ କେତେ ହେଲିକପ୍ଟର ଅଛି ଉତର ରଖନ୍ତୁ । ଜିଲ୍ଲା ଦାୟିତ୍ୱରେ ଥିବା ମନ୍ତ୍ରୀମାନେ କଣ କରୁଥିଲେ ଏବଂ କାହା ସହ ଆଲୋଚନା କରୁଥିଲେ ଉତର ଦିଅନ୍ତୁ । ସେହିପରି ବିଜେଡି ଉପସଭାପତି ପ୍ରତାପ ଜେନା କହିଛନ୍ତି ଯେ, ଗଞ୍ଜାମ ଗଜପତି ପାଇଁ ସରକାର କେବଳ ଖବରକାଗଜ ଓ ଇଲେକ୍ଟ୍ରୋନିକ ମିଡିଆରେ ପ୍ରସ୍ତୁତି କରିଥିଲେ ଯଦି ପୂର୍ବ ପ୍ରସ୍ତୁତି ଥିଲା, ତାହେଲେ ଡ୍ୟାମରୁ କାହିଁକି ପାଣି ନିଷ୍କାସନ ହେଲା ନାହିଁ ? ଡ୍ୟାମ ପାଣି ଉଛୁଳି ଗାଁରେ ପଶିଲା । ପୂର୍ବରୁ ସୂଚନା ଥିଲା ମଧ୍ୟ ସରକାର କାହିଁକି ସଜାଗ ହେଲେ ନାହିଁ । ଲୋକେ ଏବେ ପାଣି ଘରରେ, ସରକାର ସମ୍ପୂର୍ଣ୍ଣ ବିଫଳ । ବନ୍ୟା ବାତ୍ୟାକୁ ଠିକ୍ ଭାବେ ପରିଚାଳନା କରିପାରି ନାହାଁନ୍ତି । ଗଞ୍ଜାମ ଓ ଗଜପତିରେ ବାଲି ମାଫିଆଙ୍କ ପାଇଁ ବନ୍ୟା ହୋଇଛି । ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ । ଏହା ସହ ତୁରନ୍ତ ରିଲିଫ ପହଚାଂଇବା ଏବଂ ଉଦ୍ଧାର କରିବାକୁ ଦାବି କରିଛି ବିଜେଡି । ସେପଟେ ବିଜେଡିକୁ କଡ଼ା ଜବାବ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ । ସେ କହିଛନ୍ତି ଯେ, ଆମର ଇସ୍ୟୁ ବିଜେଡି ନୁହେଁ, ଓଡ଼ିଶାବାସୀଙ୍କ ସ୍ୱାର୍ଥ । ରାଜନୀତି କରିବା ପାଇଁ ନୁହେଁ, ଲୋକଙ୍କ ସେବା ଓ ସମସ୍ୟାର ସମାଧାନ ପାଇଁ ସରକାର କାମ କରୁଛନ୍ତି । ଆମେ ସରକାର ଗଠନ ପରଠାରୁ ପ୍ରତ୍ୟେକ ବିପର୍ଯ୍ୟୟ ସମୟରେ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେଇ ପ୍ରଭାବିତ ଅଂଚଳକୁ ପଠାଉଛୁ । ବରିଷ୍ଠ ଅଧିକାରୀମାନେ ମଧ୍ୟ କ୍ଷୟକ୍ଷତିର ଆକଳନ କରୁଛନ୍ତି । ପୂର୍ବ ବିଜେଡି ସରକାର ସମୟରେ ବନ୍ୟା ଓ ବାତ୍ୟା ବେଳେ କ୍ଷୟକ୍ଷତି ଆକଳନ ପାଇଁ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେଇ ଫିଲ୍ଡକୁ ପଠାଯାଉଥିଲା କି ବୋଲି ସେ ପ୍ରଶ୍ନ କରିଛନ୍ତି । କେବଳ ଆକାଶମାର୍ଗରୁ ସ୍ଥିତି ଅନୁଧ୍ୟାନ ନୁହେଁ, ସରକାରଙ୍କ ପ୍ରତିନିଧିମାନେ ତୃଣମୂଳ ସ୍ତରକୁ ଯାଇ ଲୋକଙ୍କ ସମସ୍ୟା ବୁଝୁଛନ୍ତି । ବିଜେଡି ଏହି ପ୍ରସଙ୍ଗକୁ ରାଜନୀତିକରଣ କରୁଥିବା ସେ ଅଭିଯୋଗ କରିଛନ୍ତି । ସରକାରଙ୍କ ପ୍ରାଥମିକତା ହେଉଛି ଓଡ଼ିଶାବାସୀଙ୍କ ସେବା ଏବଂ ବିପର୍ଯ୍ୟୟ ପ୍ରଭାବିତଙ୍କ ସମସ୍ୟାର ସମାଧାନ ବୋଲି କେଭି କହିଛନ୍ତି ।

ବାତ୍ୟା 'ଅର୍ଣ୍ଣବ'କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା :

ଗଞ୍ଜାମ ଓ ଗଜପତିରେ ହୋଇଛି ବ୍ୟାପକ କ୍ଷୟକ୍ଷତି...

ଭୁବନେଶ୍ୱର,୩୦/୧୦(ନି/ପ୍ର):ବାତ୍ୟା ଅର୍ଣ୍ଣବକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବାତ୍ୟା ପ୍ରଭାବରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସେ କହିଛନ୍ତି । ଏହାଦ୍ୱାରା ଚାଷୀମାନେ ଅଧିକ ପ୍ରଭାବିତ ହୋଇଥିବାବେଳେ ବହୁ ପରିମାଣରେ ଫସଲ ନଷ୍ଟ ହୋଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ଚାଷ ଆରମ୍ଭରୁ ବନ୍ୟା ପରିସ୍ଥିତି ଉପୁଜିଥିଲା । ଏହାସହ ପାଣିପାଗ ପରିବର୍ତନ ଯୋଗୁଁ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି । ବାତ୍ୟା ଅର୍ଣ୍ଣବର ମୁକାବିଲା ପାଇଁ ରାଜ୍ୟ ସରକାର ପୂର୍ବରୁ ସମସ୍ତ ପ୍ରସ୍ତୁତି କରିଥିଲେ । ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକୁ ସଚିବ ଓ ମନ୍ତ୍ରୀମାନଙ୍କୁ ପଠାଯାଇଥିଲା । ପ୍ରଥମେ ବାତ୍ୟା ମାଲକାନଗିରି ଜିଲ୍ଲାରେ ଅଧିକ କ୍ଷୟକ୍ଷତି କରିବ ବୋଲି ଆକଳନ କରାଯାଇଥିଲା । କିନ୍ତୁ ଆନ୍ଧ୍ରପ୍ରଦେଶରେ ସ୍ଥଳଭାଗ ଛୁଇଁବା ପରେ ବାତ୍ୟାର ଗତିପଥ ପରିବର୍ତନ ହୋଇଥିଲା । ଫଳରେ ଗଞ୍ଜାମ ଓ ଗଜପତି ଜିଲ୍ଲା ଅଧିକ ପ୍ରଭାବିତ ହୋଇଥିଲା । ବାତ୍ୟା ମୁକାବିଲା ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ସରକାର କେନ୍ଦ୍ରର ସହାୟତା ଲୋଡ଼ିଥିଲେ । ଏନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । କେନ୍ଦ୍ର ସରକାର ତୁରନ୍ତ ସହାୟତା ଯୋଗାଇ ଦେଇଥିବାବେଳେ ହେଲିକପ୍ଟର ଯୋଗେ ମଧ୍ୟ ଉଦ୍ଧାର କାର୍ଯ୍ୟ କରାଯାଇଥିଲା । ବର୍ତମାନ ପ୍ରଭାବିତ ଅଂଚଳରେ ଉଦ୍ଧାର ଓ ସହାୟତା କାର୍ଯ୍ୟ ପାଇଁ ସରକାରୀ ଟିମ୍ ସମ୍ପୂର୍ଣ୍ଣ ସଜାଗ ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରୋଷେଇ ଘରେ ମହଙ୍ଗା ମାଡ଼ !

ଦୀପାବଳି ପୂର୍ବରୁ ବଢ଼ିଲା ଖାଦ୍ୟ ସାମଗ୍ରୀ ଦର

କଟକ,୩୦।୧୦(ନି/ପ୍ର): ନିତ୍ୟଆବଶ୍ୟକ ଖାଦ୍ୟପଦାର୍ଥର ଦରଦାମ ବୃଦ୍ଧି ଉପରେ ରୋକ୍ ଲାଗିପାରୁନି । ଗଲା କିଛି ଦିନ ହେବ ହୁହୁ ହୋଇ ଚାଉଳ ଦର ବଢୁଥିଲା । ଏହାକୁ ପିଛା କଲାଭଳି ଏବେ ଅଟା, ସୁଜି, ସୋରିଷ ତେଲ ଓ ପିଆଜ ଦର ବି ବଢ଼ିଛି । ଚଳିତ ସପ୍ତାହ ଆରମ୍ଭରୁ ଏହି ଟ୍ରେଣ୍ଡ୍ ଦେଖାଯାଉଛି । ଖାଲି ଏତିକି ନୁହେଁ, ଜିରା ଦର ବଢ଼ିଛି । ତେବେ ଗହମର ନିଅଂଟିଆ ସ୍ଥିତି ପାଇଁ ଅଟା ଓ ସୁଜି ଦର ବଢ଼ିଥିବା ବେଳେ ଏଥିରୁ ପ୍ରସ୍ତୁତ ଗୋଖାଦ୍ୟ ଚୋକଡ଼ ଗୁଣ୍ଡ ଦର ବି ବୃଦ୍ଧି ପାଇଛି । ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ହୋଇଥିବା ନିଅଂଟିଆ ବର୍ଷା ଏହି ଦରଦାମ୍ ବୃଦ୍ଧିର ଏକ ବଡ଼ କାରଣ ବୋଲି କଟକ ବଣି ସଂଘ ଆଶଙ୍କାବ୍ୟକ୍ତ କରିଛି । ଗୁରୁତ୍ୱପୂର୍ଣ୍ଣ ହେଉଛି, ଆଗକୁ ଦୀପାବଳି ଆସୁଥିବାରୁ ଦର ବୃଦ୍ଧିର ଗ୍ରାଫ୍ ଉପରମୁହାଁ ରହିବ ବୋଲି ବଣିକ ସଂଘ ଆକଳନ କରିଛି । କଟକ ମାର୍କେଟ୍‌ରେ ଗତ ସପ୍ତାହରେ କିଛି ଜଣାଶୁଣା କମ୍ପାନିର ୫ କେଜିର ଅଟା ପ୍ୟାକେଟ୍ ଖୁଚୁରା ଦୋକାନରେ ୧୯୫ରୁ ୨୦୦ ଟଙ୍କା ବିକ୍ରିହେଉଥିଲା । ଗୁରୁବାର ଏହାର ଦର ୨୦ ଟଙ୍କା ବୃଦ୍ଧିପାଇଁ ୨୧୫ରୁ ୨୨୦ରେ ବିକ୍ରିହେଉଛି । ସୁଜିଦର ଗତ ସପ୍ତାହରେ ରିଟେଲ୍‌ରେ ୩୭ରୁ ୪୦ ଟଙ୍କା ବିକ୍ରି ହେଉଥିଲା । ଏବେ ୪୧ରୁ ୪୫ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି । ସବୁ କମ୍ପାନିର ସୋରିଷ ତେଲର ଦର ପ୍ରାୟ ୮ରୁ ୧୦ଟଙ୍କା ପର୍ଯ୍ୟନ୍ତ ଗୋଟିଏ ଲିଟରରେ ବଢ଼ିଛି । ପୂର୍ବରୁ ୧୯୫ ଟଙ୍କାରେ ବିକ୍ରି ହେଉଥିବା ୧ ଲିଟର ସୋରିଷ ତେଲର ଦର ଆଜି ତାରିଖରେ କଟକର ଖୁଚୁରା ମାର୍କେଟ୍‌ରେ ୨୦୫ ଟଙ୍କାରେ ବିକ୍ରିହେଉଛି ।

ମୋଦୀ ଦେଲେ ପିଏମ୍-କିଷାନ ୨୪ତମ କିସ୍ତି ଟଙ୍କା

ଗାନ୍ଧୀନଗର,୩୦/୧୦ :ପ୍ରଧାନମନ୍ତ୍ରୀ ମୋଦୀ ଦେଲେ ପିଏମ୍-କିଷାନ ଟଙ୍କା । ଚାଷୀଙ୍କ ଆକାଉଟଂକୁ ଗଲା ଟଙ୍କା । ପିଏମ୍ କିଷାନ ଉତ୍ସବ ଦିବସ ଅବସରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍ କିଷାନ) ଯୋଜନାର ୨୪ତମ କିସ୍ତି ପ୍ରଦାନ କରିଛନ୍ତି । ଆଜି ଗୁଜରାଟର ବନାସକାଣ୍ଠାରେ ଦୁଗ୍ଧ କ୍ଷେତ୍ର ଏକ ବଡ଼ ସଫଳତା ହାସଲ କରିବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୨୭ ଏକର ବିସ୍ତାରିତ ଗୋ ପ୍ରଜନନ ଏବଂ ଗବେଷଣା କେନ୍ଦ୍ରର ଉଦଘାଟନ କରିଛନ୍ତି । ସେ ପ୍ରତିଷ୍ଠାନର ଫଟୋ ସହିତ ସୋସିଆଲ ମିଡିଆରେ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ମୋଦୀ କହିଛନ୍ତି, ଏହି କେନ୍ଦ୍ର ବିଜ୍ଞାନ ଏବଂ ନବସୃଜନର ମିଶ୍ରଣ କିପରି ଆମର କୃଷକମାନଙ୍କ କଲ୍ୟାଣକୁ ନିରନ୍ତର ଭାବରେ ଆଗକୁ ବଢ଼ାଉଛି ତାହାର ଏକ ଜ୍ୱଳନ୍ତ ଉଦାହରଣ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଗୁଜରାଟର ବନାସକାଣ୍ଠାରୁ ପ୍ରଧାନମନ୍ତ୍ରୀ-କିଷାନ ଯୋଜନାର ୨୪ତମ କିସ୍ତି ପ୍ରଦାନ କରିଛନ୍ତି । ଏହି ଯୋଜନା ଅଧୀନରେ ୯୩.୪ ନିୟୁତରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଆକାଉଟଂକୁ ସିଧାସଳଖ ୧୮,୬୯୦ କୋଟି ଟଙ୍କା ସ୍ଥାନାନ୍ତର କରାଯାଇଛି । ଫେବୃଆରୀ ୨୦୧୯ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ-କିଷାନ ଯୋଜନାରେ ଏପର୍ଯ୍ୟନ୍ତ ୨୩ଟି କିସ୍ତିରେ ଯୋଗ୍ୟ ଚାଷୀମାନଙ୍କୁ ୪.୪୭ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୁଣି ବାତିଲ୍ ହେଲା ଓଡ଼ିଶା ଗସ୍ତ

ଭୁବନେଶ୍ୱର,୩୦/୧୦(ନି/ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୁଣି ଥରେ ବାତିଲ୍ ହୋଇଛି ଓଡ଼ିଶା ଗସ୍ତ । ଆସନ୍ତା ୩ ତାରିଖରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ଥିବାବେଳେ ଏହାକୁ ବାତିଲ୍ କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ ବାତିଲ୍ ନେଇ ରାଇରଙ୍ଗପୁର ଏଡିଏମ୍ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ନଭେମ୍ବର ୩ ତାରିଖରୁ ରାଷ୍ଟ୍ରପତିଙ୍କର ତିନିଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଥିଲା । ଏହି ଗସ୍ତ ସମୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର ଯୋଜନା ଥିଲା । ତେବେ ଏହା ପୂର୍ବରୁ ଅକ୍ଟୋବର ୨୮ ତାରିଖରେ ମଧ୍ୟ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଥିଲା ।

ଜଳ ପ୍ରଳୟ: ୭ ନଦୀରେ ବଡ଼ ବନ୍ୟା, ଦେଢ଼ଲକ୍ଷ ଲୋକ ଜଳବନ୍ଦି

ବ୍ରହ୍ମପୁର,୩୦/୧୦(ନି/ପ୍ର):ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଭୀଷଣ ବର୍ଷା ଗଞ୍ଜାମ ଜିଲ୍ଲାରେ ଜଳ ପ୍ରଳୟ ସୃଷ୍ଟି କରିଛି । ଗତକାଲି ବିଳମ୍ବିତ ରାତିରୁ ଆଜି ଦିନସାରା ଅବିଶ୍ରାନ୍ତ ବର୍ଷାରେ ଅଧା ଜିଲ୍ଲା ଉବୁଟୁବୁ ହୋଇଛି । ଆସିକା, ଶେରଗଡ଼, ସୋରଡ଼ା, ଧରାକୋଟ, ଭଞ୍ଜନଗର ଓ ବେଲଗୁଣ୍ଠା ଚାରିଆଡୁ ବିଚ୍ଛିନ୍ନ ହୋଇଯାଇଛି । ପୁରୁଷୋତମପୁରରେ ଋଷିକୁଲ୍ୟା ନଦୀବନ୍ଧ ଭାଙ୍ଗିଯିବାରୁ ଗାଁ ଓ ସହରରେ ପାଣି ପଶିଯାଇଛି । ସୀମାନ୍ତ ପାତ୍ରପୁର ଓ ଚିକିଟି ବ୍ଲକରେ ବି ବର୍ଷା ବିତ୍ପାତ ଦେଖିବାକୁ ମିଳିଛି । ଗାଁଦାଣ୍ଡରେ ପାଣି ସୁଅ ଛୁଟୁଛି । ପ୍ରଖର ସ୍ରୋତ ଯୋଗୁଁ ଉଦ୍ଧାର କାର୍ଯ୍ୟ ପ୍ରଭାବିତ ହୋଇଛି । ତଥାପି ଆଜି ସନ୍ଧ୍ୟା ୭ଟା ସୁଦ୍ଧା ପ୍ରାୟ ୧୬ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଇତିମଧ୍ୟରେ ଆଠଟି ବ୍ଲକ୍‌ର ଦେଢ଼ଲକ୍ଷରୁ ଅଧିକ ଲୋକ ଜଳବନ୍ଦି ହୋଇ ରହିଛନ୍ତି । ସୋରଡ଼ାରେ ପାଣ୍ଡା ନାୟକ (୩୬) ବନ୍ୟାପାଣିରେ ଭାସି ପ୍ରାଣ ହରାଇଥିବା ସୂଚନା ମିଳିଛି । ୨୦୧୩ 'ଫାଇଲିନ୍' ଓ ୨୦୧୮ 'ତିତ୍‌ଲି' ବାତ୍ୟା ପରେ ଗଞ୍ଜାମ ଜିଲ୍ଲା ପାଇଁ ଏହା ସବୁଠୁ ବଡ଼ ବିପର୍ଯ୍ୟୟ ବୋଲି କୁହାଯାଉଛି । ଗଞ୍ଜାମ ଜିଲ୍ଲାରେ ଗୋଟିଏ ଦିନରେ ମୋଟ ୨୭୦୦ ମିଲିମିଟର (ହାରାହାରି ୧୨୨.୭୭ ମିମି)ରୁ ଅଧିକ ବର୍ଷା ରେକର୍ଡ ହୋଇଛି । ପାତ୍ରପୁରରେ ଆଜି ସକାଳ ସାଢ଼େ ୮ଟା ସୁଦ୍ଧା ୫୪୬ ମିମି ବର୍ଷା ହୋଇଛି । ଅବିଶ୍ରାନ୍ତ ବର୍ଷା ଫଳରେ ଋଷିକୁଲ୍ୟା, ବାହୁଦା, ଘୋଡ଼ାହାଡ଼, ଲୋହରାଖଣ୍ଡି, ଜରଉ, ପଦ୍ମା ଓ ବଡ଼ନଦୀରେ ବନ୍ୟା ଆସିଛି । ସେହିପରି ବାଘଲଟି, ବାଘୁଆ ଓ ଡହ ଡ୍ୟାମ୍ ଉବୁଟୁବୁ ହେଉଛି । ଆସିକା, ଶେରଗଡ଼, ଧରାକୋଟ, ଭଞ୍ଜନଗର, ହିଞ୍ଜିଳିକାଟୁ, ସୋରଡ଼ା, ବେଲଗୁଣ୍ଠା, ସାନଖେମୁଣ୍ଡି, ପାତ୍ରପୁର, ଚିକିଟି, ଗଞ୍ଜାମ, ଖଲ୍ଲିକୋଟ, ପୁରୁଷୋତମପୁର ଓ ଛତ୍ରପୁର ବ୍ଲକ୍ ବିଶେଷ ପ୍ରଭାବିତ ହୋଇଛି । ଆସିକା ସହର ସଂପୂର୍ଣ୍ଣ ଜଳବନ୍ଦିରେ ରହିଥିବା ବେଳେ ଲୋକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଆରମ୍ଭ ହୋଇଛି । ଲୋକେ ପ୍ରଥମ ଓ ଦ୍ୱିତୀୟ ମହଲାରେ ଆଶ୍ରୟ ନେଇଛନ୍ତି । ବହୁସ୍ଥାନରେ ତଳମହଲାରେ ୬ ଫୁଟ୍‌ରୁ ଅଧିକ ପାଣି ପ୍ରବାହିତ ହେଉଛି । ଗୁରୁବାର ସନ୍ଧ୍ୟା ସୁଦ୍ଧା ଭଞ୍ଜନଗର-ବ୍ରହ୍ମପୁର, ଭଞ୍ଜନଗର-ଭୁବନେଶ୍ୱର, ବ୍ରହ୍ମପୁର-ଆସିକା, ବ୍ରହ୍ମପୁର-ପାରଳାଖେମୁଣ୍ଡି, ବ୍ରହ୍ମପୁର-ଦାରିଙ୍ଗବାଡ଼ି ରାସ୍ତା ବିଚ୍ଛିନ୍ନ ହୋଇ ରହିଥିଲା । ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଉପରେ ପାଣି ଚାଲୁଛି । ଗଞ୍ଜାମ ଜିଲ୍ଲାକୁ ଅତିରିକ୍ତ ୨୭ଟି ଓଡ୍ରାଫ୍ ଟିମ୍ ସରକାର ପଠାଇଛନ୍ତି । ପୁରୀ, ଖୋରଧା, କଟକ, ଜଗତସିଂହପୁର ଓ ଭଦ୍ରକରେ ନିୟୋଜିତ ଓଡ୍ରାଫ୍ ଟିମ୍ ସନ୍ଧ୍ୟା ସୁଦ୍ଧା ଗଞ୍ଜାମରେ ପହଚିଂଛନ୍ତି । ସେପଟେ ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍, ଏନ୍‌ଡିଆରଏଫ୍ ସହ ଆଜି କୋଷ୍ଟଗାର୍ଡକୁ ନିୟୋଜିତ କରାଯାଇଛି । ଧରାକୋଟ ଓ ସୋରଡ଼ା ଅଂଚଳରେ କୋଷ୍ଟଗାର୍ଡର ହେଲିକପ୍ଟର ଜରିଆରେ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନରୁ ଲୋକଙ୍କୁ ଏୟାରଲିଫ୍ଟ କରାଯାଇଛି । ତପ୍ତପାଣି ଓ କଳିଙ୍ଗା ଘାଟିରେ ଭୂସ୍ଖଳନ ହୋଇଛି । ତପ୍ତପାଣିରେ ପାହାଡ଼ରୁ ମାଟି ଓ କଳିଙ୍ଗାରେ ପଥର ଖସିଛି । ଫଳରେ ଘାଟି ରାସ୍ତାଗୁଡ଼ିକୁ ସିଲ୍ କରି ଦିଆଯାଇଛି । ଏଥିସହ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ବ୍ରହ୍ମପୁର ସହର ବି ଜଳବନ୍ଦି ସ୍ଥିତିରେ । ବିଭିନ୍ନ ସାହି ଓ ବସ୍ତିର ଲକ୍ଷାଧିକ ଲୋକ ପାଣିଘେରରେ ରହିଛନ୍ତି । ତଳିଆ ଅଂଚଳରେ ଲୋକଙ୍କ ଘରେ ଅଂଟାଏ ଯାଏଁ ପାଣି ପଶିଯାଇଛି ।

ଇସ୍ରୋ :ଭାରତର ନିଜସ୍ୱ ନାଭିଗେସନ୍ ବ୍ୟବସ୍ଥାକୁ ନୂଆ ଶକ୍ତି ଦେବ ଏନ୍‌ଭିଏସ୍-୦୩

ଶ୍ରୀହରିକୋଟା,୩୦/୧୦: ମହାକାଶ ବିଜ୍ଞାନ କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ ଲକ୍ଷ୍ୟରେ ଭାରତ । ଦେଶର ନିଜସ୍ୱ ଉପଗ୍ରହ ଭିତିକ ଦିଗ ନିର୍ଣ୍ଣୟ ବ୍ୟବସ୍ଥା 'ନାଭିକ୍'କୁ ଅଧିକ ସୁଦୃଢ଼ କରିବା ପାଇଁ ଆଜି ରାତି ୧୧ଟା ୫୧ ମିନିଟ୍‌ରେ ଏନ୍‌ଭିଏସ୍-୦୩ ଉପଗ୍ରହ ଉତ୍‌କ୍ଷେପଣ କରିବ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) । ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍୧୮ ରକେଟ୍ ମାଧ୍ୟମରେ ଏହାକୁ ପଠାଯିବ । ଆମେରିକାର ଜିପିଏସ୍ ଭଳି ଭାରତର ନାଭିକ୍ ମଧ୍ୟ ଅବସ୍ଥାନ ଓ ଦିଗ ନିର୍ଣ୍ଣୟ କରିଥାଏ । ଏହା ଭାରତ ସମେତ ଦେଶର ସୀମାଠାରୁ ପ୍ରାୟ ୧,୫୦୦ କିଲୋମିଟର ପର୍ଯ୍ୟନ୍ତ ଅଂଚଳରେ ସେବା ଯୋଗାଇଥାଏ । ରେଳ ଚଳାଚଳ, ଯାନବାହନ ନିରୀକ୍ଷଣ, ଜାହାଜ ଚଳାଚଳ, ମତ୍ସ୍ୟଜୀବୀଙ୍କ ସୁରକ୍ଷା ଓ ସାମରିକ କାର୍ଯ୍ୟରେ ବ୍ୟବହାର ରହିଛି । ପୂର୍ବରୁ ନାଭିକ୍‌ର କେତେକ ଉପଗ୍ରହରେ ପରମାଣୁ ଘଟାଂ ଖରାପ ହେବା ଓ ଉତ୍‌କ୍ଷେପଣ ପରେ ଉପଗ୍ରହ ନିର୍ଦ୍ଧାରିତ କକ୍ଷପଥରେ ପହଚିଂ ନପାରିବା ଭଳି ସମସ୍ୟା ଦେଖାଦେଇଥିଲା । ୨୦୨୫ରେ ଉତ୍‌କ୍ଷେପିତ ଏନ୍‌ଭିଏସ୍-୦୨ ମଧ୍ୟ କକ୍ଷପଥରେ ପହଚିଂବାରେ ବିଫଳ ହୋଇଥିଲା । ଏନ୍‌ଭିଏସ୍-୦୩ରେ ସ୍ୱଦେଶୀ ପରମାଣୁ ଘଟାଂ ସହ ଅନ୍ୟ ଘଟାଂ ମଧ୍ୟ ରହିଛି । ଏଥିରେ ନୂଆ ଏଲ୍-୧ ସଙ୍କେତ ବ୍ୟବସ୍ଥା ଯୋଡ଼ାଯାଇଛି । ଏହା ସଫଳ ହେଲେ ନାଭିକ୍ ପୁଣି ସ୍ୱତନ୍ତ୍ର ଭାବେ ଅବସ୍ଥାନ ନିର୍ଣ୍ଣୟ ସେବା ଯୋଗାଇବାରେ ସକ୍ଷମ ହେବ । ଏହି ଅଭିଯାନ ଭାରତର ମହାକାଶ ଆତ୍ମନିର୍ଭରତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଆସିକା ମେଡିକାଲରେ ୭ ଫୁଟର ବନ୍ୟାପାଣି

ରୋଗୀସେବା ଠପ୍, ନଷ୍ଟ ହେଲା ଚିକିତ୍ସା ସରଞ୍ଜାମ

ବ୍ରହ୍ମପୁର,୩୦/୧୦(ନି/ପ୍ର): ବନ୍ୟା ଆସିଲା, ଆଉ ସାଙ୍ଗରେ ଆଣିଲା ଅସରନ୍ତି ଦୁର୍ଦ୍ଦଶା । ଆସିକା ସହରରେ ଏବେ ବି ବନ୍ୟାଜଳ ଘେରରେ ରହିଛନ୍ତି ଅନେକ ଲୋକ । ଘରଦ୍ୱାରଠାରୁ ଆରମ୍ଭ କରି ରାସ୍ତାଘାଟ, ସବୁଠି ବନ୍ୟାର ପ୍ରଭାବ । ଏଭଳି ସ୍ଥିତିରେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ପଶିଥିଲା ପ୍ରାୟ ୭ ଫୁଟର ବନ୍ୟାପାଣି । ମେଡିକାଲର ତଳ ମହଲା ସମ୍ପୂର୍ଣ୍ଣ ପାଣିରେ ବୁଡ଼ିଯାଇଥିଲା । ହଠାତ୍ ମେଡିକାଲ ଭିତରେ ପାଣି ପଶିବାରୁ ରୋଗୀଙ୍କ ସୁରକ୍ଷା ଚିନ୍ତା ବଢ଼ିଥିଲା । ଶେଷରେ ରୋଗୀମାନଙ୍କୁ ଉପର ମହଲାରେ ଥିବା ଦୁଇଟି କୋଠରୀକୁ ସ୍ଥାନାନ୍ତର କରାଯାଇଥିଲା । କେବଳ ମେଡିକାଲର ତଳ ମହଲା ନୁହେଁ, ବନ୍ୟା ପାଣିରେ ଅନେକ ଚିକିତ୍ସା ସରଞ୍ଜାମ ମଧ୍ୟ ନଷ୍ଟ ହୋଇଛି । ଏହାର ପ୍ରଭାବରେ ମେଡିକାଲରେ ରୋଗୀସେବା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି । ଯେଉଁ ମେଡିକାଲକୁ ଲୋକେ ଚିକିତ୍ସା ପାଇଁ ଆସୁଥିଲେ, ଆଜି ସେହି ମେଡିକାଲ ନିଜେ ବନ୍ୟାରେ ଛାରଖାର ।

ଆମେରିକାରେ ମଝି ଆକାଶରେ ଦୁଇ ହେଲିକପ୍ଟର ମଧ୍ୟରେ ଧକ୍କା: ୩ ମୃତ

ନ୍ୟୁୟର୍କ,୩୦/୧୦: ଓରେଗନ୍ ବିମାନବନ୍ଦର ନିକଟରେ ଉଡ଼ାଣ ସମୟରେ ମଝି ଆକାଶରେ ଦୁଇଟି ହେଲିକପ୍ଟର ମଧ୍ୟରେ ଭୟଙ୍କର ଭାବେ ଧକ୍କା ତିନି ଜଣଙ୍କର ମୃତ୍ୟୁ ହୋଇଛି । ଗୁରୁବାର ଅପରାହ୍ଣରେ ଉତର-ପଶ୍ଚିମ ଓରେଗନ୍‌ର ଏକ ବିମାନବନ୍ଦର ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ଗୁରୁବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ୟାମହିଲ୍ କାଉଟିଂ ସେରିଫ୍ ସାମ୍ ଏଲିଅଟ୍ କହିଛନ୍ତି ଯେ, ହେଲିକପ୍ଟରଟି ମଧ୍ୟରୁ ଗୋଟିଏରେ ଦୁଇଜଣ ଥିଲେ, ଟେକ୍ସାସର ଜଣେ ଫ୍ଲାଇଟ୍ ପ୍ରଶିକ୍ଷକ ଓ ୟୁନାଇଟେଡ କିଙ୍ଗଡମ୍‌ର ଜଣେ ଛାତ୍ର ପାଇଲଟ୍ ଟ୍ରେନିଂ ନେଉଥିଲେ । ଦ୍ୱିତୀୟ ହେଲିକପ୍ଟରରେ ନ୍ୟୁବର୍ଗର କେବଳ ଜଣେ ପାଇଲଟ୍ ଥିଲେ । ସମ୍ପୃକ୍ତ ହେଲିକପ୍ଟରଗୁଡ଼ିକ ମଧ୍ୟରୁ ଗୋଟିଏ ଜେରି ଟ୍ରିମ୍ବଲ୍ ହେଲିକପ୍ଟର ଦ୍ୱାରା ପରିଚାଳିତ ହେଉଥିଲା, ଯାହା ଏକ ଉଡ଼ାଣ ତାଲିମ ବିଦ୍ୟାଳୟ ଓ ଘରୋଇ ହେଲିକପ୍ଟର ଭଡା ସେବା ଥିଲା ।

ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କନ୍ଧମାଳରେ ଦୁଇଟି ଘାଟି ରାସ୍ତାରେ ଯାତାୟାତ ବନ୍ଦ

କନ୍ଧମାଳ,୩୦/୧୦(ନି/ପ୍ର): କନ୍ଧମାଳ ଜିଲ୍ଲାର ଭୌଗୋଳିକ ସ୍ଥିତି, ଘନ ଜଙ୍ଗଲ ଓ ପାହାଡ଼ିଆ ଅଂଚଳକୁ ଦୃଷ୍ଟିରେ ରଖି ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ଗଛ ଉପୁଡ଼ିବା, ରାସ୍ତା ଅବରୋଧ ହେବା ଏବଂ ଘରଦ୍ୱାର କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି । ଏହାକୁ ନଜରରେ ରଖି ଜିଲ୍ଲାର ଦୁଇଟି ଘାଟି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ କରାଯାଇଛି । ଏଥିସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ମଧ୍ୟ ସାମୟିକ ଭାବେ ବନ୍ଦ ରଖାଯାଇଛି ।ସମ୍ଭାବ୍ୟ ବିର୍ଯ୍ୟୟର ମୁକାବିଲା ଲାଗି ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଛି । ଆବଶ୍ୟକ ହିଲେ ଓଡ୍ରାଫ୍ ଟିମ୍ମ ମଧ୍ୟ ମୁତୟନ କରାଯିବ । ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ୨୪ ଘଣ୍ଟା ସତର୍କ ରହିବା ସହ ଯେକୌଣସି ଜରୁରୀ ପରିସ୍ଥିତିରେ ତ୍ୱରିତ ପଦକ୍ଷେ ନେବାକୁ କୁହାଯାଇଛି । ବାତ୍ୟା ସମୟରେ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ସମ୍ଭବ ମାତ୍ରାରେ ସ୍ୱାଭାବିକ ରଖିବା ।ଇଁ ପ୍ରଶାସନ ପକ୍ଷରୁ ପଦକ୍ଷେ ନିଆଯାଇଛି । କେବଳ ବାତ୍ୟା ପୂର୍ବ ପ୍ରସ୍ତୁତି ନୁହେଁ, ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତିର ଆକଳନ ଓ ପ୍ରଭାବିତ ପରିବାରଙ୍କୁ ସହାୟତା ପ୍ରଦାନ ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ବାତ୍ୟା ଯୋଗୁଁ ଘରଦ୍ୱାର ଭାଙ୍ଗିବା କିମ୍ବା ଅନ୍ୟାନ୍ୟ କ୍ଷୟକ୍ଷତି ହେଲେ ତୁରନ୍ତ ଆକଳନ କରି ପ୍ରଭାବିତ ପରିବାରଙ୍କୁ ୫ ଦିନ ମଧ୍ୟରେ ସହାୟତା ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋ କରିଛନ୍ତି । ଆବଶ୍ୟକ ହିଲେ ମନ୍ତ୍ରୀ ନିଜେ କ୍ଷତିଗ୍ରସ୍ତ ଅଂଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ । ବାତ୍ୟା ଓ ବର୍ଷାର ପ୍ରଭାବ ହ୍ରାସ ପାଇବା ପର୍ଯ୍ୟନ୍ତ ଜିଲ୍ଲାରେ ରହି ଲୋକଙ୍କ ସମସ୍ୟା ବୁଝିବା ସହ ଆବଶ୍ୟକ ସହାୟତା ଓ ସୁବିଧା ଯୋଗାଇଦେବାକୁ ସେ ଗୁରୁତ୍ୱ ଦେଇଛନ୍ତି । ଏହାଦ୍ୱାରା ବିର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କୁ ତ୍ୱରିତ ସହାୟତା ପହଂଚାଇବା ସହ ପରବର୍ତ୍ତୀ ସ୍ଥିତିକୁ ସ୍ୱାଭାବିକ କରିବା ସମ୍ଭବ ହେବ ବୋଲି ଆଶା କରାଯାଉଛି । ଆଜି ସକାଳେ ଫୁଲବାଣୀ ଠାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ରେ ମନ୍ତ୍ରୀ ଶ୍ରୀ ରବି ନାୟକଙ୍କ ଅଧ୍ୟକ୍ଷତାରେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣ, ଫୁଲବାଣୀ ବିଧାୟକ ତଥା ଜିଲ୍ଲା ଉନ୍ନୟନ ରିଷଦର ଅଧ୍ୟକ୍ଷ ଶ୍ରୀ ଉମାଚରଣ ମଲ୍ଲିକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶ୍ରୀ ମାନଗୋବିନ୍ଦ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜେନ୍ଦ୍ର ପ୍ରସାଦ, ପ୍ରଶିକ୍ଷଣରତ ଆଇଏଏସ୍ ଅଧିକାରୀ ଶ୍ରୀ ଯଶକିରଣ ସିଂଙ୍କ ସମେତ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ସମ୍ଭାବ୍ୟ ବାତ୍ୟାକୁ ନେଇ କନ୍ଧମାଳ ଜିଲ୍ଲାରେ ପ୍ରଶାସନର ପ୍ରସ୍ତୁତି ଜାରି ରହିଥିବାବେଳେ ଶୂନ୍ୟ ମୃତ୍ୟୁହାର ଲକ୍ଷ୍ୟ ହାସଲ, ଜନଜୀବନର ସୁରକ୍ଷା ଓ ବିର୍ଯ୍ୟୟ ରବର୍ନ୍ତୀ ତ୍ୱରିତ ସହାୟତା ପ୍ରଦାନକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି ।

କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀମାନଙ୍କ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦୁଝର,୩୦/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍ ଠାରେ 'ଭାରତର ଜନଗଣନା ୨୦୨୭' ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀମାନଙ୍କର ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତା ୨୭-୧୦-୨୦୨୬ରୁ ୨୮-୧୦-୨୦୨୬ ପର୍ଯ୍ୟନ୍ତ ଚାଲୁରହିବ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଆନନ୍ଦପୁର ଉପଜିଲ୍ଲାପାଳ ଶ୍ରୀ ନୀଳମାଧବ ସୁନା, ଚମ୍ପୁଆ ଉପଜିଲ୍ଲାପାଳ ଶ୍ରୀ ସୁବୋଧଦର୍ଶୀ ଯୋଶୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜନଗଣନା ସମ୍ପର୍କିତ ବୃନ୍ଦ ଉପସ୍ଥିତ ଥିଲେ । ପ୍ରଶିକ୍ଷଣ ଶିବିରରେ ଭାରତ ସରକାରଙ୍କ ଜନଗଣନା ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ ସମ୍ପାଦନ, ତଥ୍ୟ ସଂଗ୍ରହ ପ୍ରକ୍ରିୟା, ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ଆଗାମୀ ଜନଗଣନା କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । 'ଗଣନା ମାତ୍ର ସଂଖ୍ୟା ନୁହେଁ, ଜନଗଣନାକୁ ଜନକଲ୍ୟାଣ' ଲକ୍ଷ୍ୟ ନେଇ ସଠିକ୍ ଓ ନିର୍ଭୁଲ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଜିଲ୍ଲାର ଜନଗଣନା କାର୍ଯ୍ୟକୁ ସଫଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି ।

କାର୍ ଧକ୍କାରେ ବାଇକ ଆରୋହୀ ମୃତ

ଆନନ୍ଦପୁର,୩୦/୧୦(ନି/ପ୍ର): ୨୦ନମ୍ବର ଜାତୀୟ ରାଜପଥ ଘସିପୁରା ଥାନା କନ୍ତୋ ନିକଟରେ କାର ଧକ୍କାରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଛି । ମୃତକ ସ୍ଥାନୀୟ ଭାଲୁକୁମା ଗ୍ରାମର ଜଗୁ ପ୍ରଧାନ (୫୮) । ଆଜି ପୂର୍ବାହ୍ନ ସାଢେ ଦଶଟା ସମୟରେ ଜଗୁ ବାଇକରେ ଯାଉଥିବା ବେଳେ କେନ୍ଦୁଝର ଆଡକୁ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଦୁର୍ଘଟଣା ପରେ ଚାପା ଉନ୍ତେଜନା ପ୍ରକାଶ ପାଇଥିବା ବେଳେ ଘସିପୁରା ପୁଲିସ ପହଁଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା ।

ଯୋଡ଼ା ସହରରେ ପଶିଲା ଦନ୍ତା ହାତୀ: ଭାଙ୍ଗିଲା ଗେଟ୍ ଓ ପାଚେରୀ

ଯୋଡ଼ା,୩୦/୧୦(ନି/ପ୍ର): ଯୋଡ଼ା ସହର ଭିତରକୁ ପଶିଲା ଗୋଠଛଡ଼ା ଦନ୍ତା ହାତୀ । ଗତ ରାତିଏକ ଦନ୍ତା ହାତୀ ସହରକୁ ପଶି ଆସିବା ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ଦନ୍ତା ହାତୀଟି ପ୍ରଥମେ ବାତୁ ହଟିଂ ନିକଟ ଦେଇ ସହର ମଧ୍ୟକୁ ପ୍ରବେଶ କରିଥିଲା । ପରେ ଅଂଚଳରେ ଉପଦ୍ରବ ଚଳାଇ ଏକ ଘରର ଗେଟ୍ ଏବଂ ପାଚେରୀ ଭାଙ୍ଗି ଦେଇଛି । ହାତୀଟି ଆଜାଦ୍ ବସ୍ତି ନିକଟରେ ଦେଖିବାକୁ ମିଳିଥିଲା । ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଚିଂ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି ।

ମରଣଯନ୍ତା ପାଲଟିଛି ଗାଧୁଆ ତୁଠ

ଚମ୍ପୁଆ,୩୦/୧୦(ନି/ପ୍ର): ଜନସାଧାରଣଙ୍କ ନିତ୍ୟବ୍ୟବହାର୍ଯ୍ୟ ପାଇଁ ନିର୍ମାଣ ହୋଇଥିବା ପୋଖରୀର ଗାଧୁଆ ତୁଠ ଯଦି ବିପଦର କାରଣ ପାଲଟେ, ତେବେ ଏହାଠାରୁ ଦୁର୍ଭାଗ୍ୟଜନକ ଘଟଣା ଆଉ କ'ଣ ହୋଇପାରେ ? ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଆଙ୍ଗୁଳିଆସ୍ଥିତ ବିସ୍ଥାପିତ କଲୋନୀରେ । ପୋଖରୀର ଗାଧୁଆ ତୁଠରେ ପାଣି ଜମି ରହିବା ସହ ଶିଉଳି ଆସ୍ତରଣ ପଡ଼ିଥିବାରୁ ଏହା ଦୈନନ୍ଦିନ ସ୍ନାନ କରୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏଥିସହ ଜମି ରହୁଥିବା ଗାଧୁଆ ପାଣିରୁ ଦୁର୍ଗନ୍ଧ ବାହାରୁଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ଅଧିନରେ ସର୍ବସ୍ୱ ହରାଇ ଆଙ୍ଗୁଳିଆସ୍ଥିତ ଏହି ବିସ୍ଥାପିତ କଲୋନୀରେ ଚମକପୁର ଗ୍ରାମର ଶତାଧିକ ପରିବାର ବସବାସ କରୁଛନ୍ତି । ଏହି ପରିବାରଗୁଡ଼ିକର ଦୈନନ୍ଦିନ ଆବଶ୍ୟକତା ପୂରଣ ନିମନ୍ତେ ପ୍ରକଳ୍ପ ଜରିଆରେ କଲୋନୀ ମଧ୍ୟରେ ଏକ ପୋଖରୀ ନିର୍ମାଣ କରାଯାଇଥିଲା । ପୋଖରୀଟି ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏକ ଉପଯୋଗୀ ଜଳାଶୟ ହୋଇଥିବାବେଳେ ଏହାର ଗାଧୁଆ ତୁଠର ଦୁରବସ୍ଥା ଏବେ ଚିନ୍ତାର କାରଣ ପାଲଟିଛି । ପୋଖରୀର ଗାଧୁଆ ତୁଠରେ ପାଣି ଜମି ରହିବା ସହ ଏହାର ଉପରିଭାଗରେ ଶିଉଳି ଜମିଯାଇଛି । ଫଳରେ ତୁଠଟି ଖସଡ଼ା ହୋଇପଡ଼ିଛି । ପ୍ରତିଦିନ ଏହି ତୁଠରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ମହିଳା ଓ ଅନ୍ୟାନ୍ୟ ବୟସର ଲୋକମାନେ ସ୍ନାନ କରୁଥିବାରୁ ଏଠାରେ ଦୁର୍ଘଟଣାର ଆଶଙ୍କା ରହିଛି । ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଶିଉଳି ଯୋଗୁଁ ଗୋଡ଼ ଖସିଯାଇ ବିଭିନ୍ନ ସମୟରେ କେତେକ ଲୋକ ଆହତ ମଧ୍ୟ ହୋଇଛନ୍ତି । ବିଶେଷକରି ଛୋଟ ପିଲା ଓ ମହିଳାମାନେ ଏହି ତୁଠ ବ୍ୟବହାର କରୁଥିବାରୁ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରୁନାହିଁ । ତେଣୁ ଏହି ସମସ୍ୟାକୁ ହାଲୁକା ଭାବେ ନନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି । କେବଳ ଦୁର୍ଘଟଣା ଆଶଙ୍କା ନୁହେଁ, ଗାଧୁଆ ତୁଠରେ ପାଣି ଜମି ରହିବା ମଧ୍ୟ ଅନ୍ୟ ଏକ ସମସ୍ୟା ସୃଷ୍ଟି କରୁଛି । ଜମି ରହୁଥିବା ଗାଧୁଆ ପାଣିରୁ ଦୁର୍ଗନ୍ଧ ବାହାରୁଥିବାରୁ କଲୋନୀର ପରିବେଶ ପ୍ରଭାବିତ ହେଉଥିବା ଅଭିଯୋଗ ରହିଛି । ଏହା ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ପୋଖରୀର ଉପଯୁକ୍ତ ରକ୍ଷଣାବେକ୍ଷଣ ନେଇ ପ୍ରଶ୍ନ ଉଠିଛି । ଯେଉଁ ଉଦ୍ଦେଶ୍ୟରେ ପୋଖରୀ ଓ ଗାଧୁଆ ତୁଠ ନିର୍ମାଣ କରାଯାଇଥିଲା ତାହାର ସୁବିଧା ସ୍ଥାନୀୟ ଲୋକମାନେ ସୁରକ୍ଷିତ ଭାବେ ପାଇବା ଆବଶ୍ୟକ । କିନ୍ତୁ ତୁଠର ଏଭଳି ଅବସ୍ଥା ଯୋଗୁଁ ଲୋକମାନଙ୍କୁ ଦୈନନ୍ଦିନ ସ୍ନାନ ସମୟରେ ବିପଦର ସମ୍ମୁଖୀନ ହେବାକୁ ପଡୁଛି । ଏହି ପରିସ୍ଥିତିରେ ପୋଖରୀର ଗାଧୁଆ ତୁଠକୁ ଯଥାଶୀଘ୍ର ମରାମତି କରିବା ସହ ଜମି ରହୁଥିବା ପାଣିର ନିଷ୍କାସନ ବ୍ୟବସ୍ଥା କରିବା, ଶିଉଳି ସଫା କରିବା ଏବଂ ତୁଠକୁ ସୁରକ୍ଷିତ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

ଆଗରପଡ଼ା ଡାକ୍ତରଖାନାରେ ରୋଗୀ ହନ୍ତସନ୍ତ, ସେବା ଗୃହରେ ପାଣି

ଭଦ୍ରକ,୩୦/୧୦(ନି/ପ୍ର): ଭଦ୍ରକ ଜିଲ୍ଲା ପୁରାତନ ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ ସେବା କେନ୍ଦ୍ରରେ ପାଣି ଲହଡି ମାରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି । ବିଭାଗୀୟ ଅବହେଳା ଓ ଠିକାଦାରଙ୍କ ମନମାନୀ ଯୋଗୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ମଙ୍ଗଳବାର ଠାରୁ ଏଠାରେ ବର୍ଷା ଲାଗି ରହିଛି । ଠିକାଦାର ଦୀର୍ଘମାସ ହେବ କାର୍ଯ୍ୟ ଖଣ୍ଡିଆ କରି ପକାଇଥିବାରୁ ସିଢି ଦେଇ ପାଣି ପଶିବାରୁ କେନ୍ଦ୍ରରେ ପାଣି ଲହଡି ମାରୁଛି । ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେବା ସହ ଡାକ୍ତରମାନେ ରୋଗୀ ମାନଙ୍କୁ ଠିକ୍ ଭାବେ ଦେଖି ନପାରିବା, ଷ୍ଟାପ ନର୍ସ କୋଠରୀରେ ବସି ନପାରିବା ସର୍ବୋପରି ରୋଗୀ ଓ ସମ୍ପର୍କୀୟ ମାନେ ନାନା ହଇରାଣ ହରକତ ହୋଇ ବେଡ ଉପରେ ଗୋଡ ଟେକି ବସି ରହିବା ପରି ଘଟଣା ପରିଲକ୍ଷିତ ହେଉଛି । ଏହି ପାଣି ଗୃହ ମଧ୍ୟରେ ଥିବା ପାଇଖାନରେ ପଶି ଦୁର୍ଗନ୍ଧ ବାହାରିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସାଙ୍ଗକୁ ରୋଗୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି । ପ୍ରକାଶଥାଉକି ଏନଆରଏଚଏମ୍ ପକ୍ଷରୁ ପାଖାପାଖି ୫୫ ଲକ୍ଷ ଟଙ୍କାରେ ସାଧାରଣ ରୋଗୀ ସେବା ଗୃହର ଉପର ମହାଲା କାର୍ଯ୍ୟ ଦୀର୍ଘ ୭ ମାସ ହେବ ମନ୍ଥର ଗତିରେ ଚାଲିଥିବା ବେଳେ ଦ୍ୱିତୀୟ ମହଲା କାର୍ଯ୍ୟ ଆରମ୍ଭ ହୋଇନି । ଠିକାଦାର ପ୍ରଥମ ମହାଲାରେ ଛାତ ପକାଇଥିବା ବେଳେ ଦେଢ ମାସ ପରେ ମଧ୍ୟ ସେଟ୍ରିଂ ପଟା ବାଉଁସ ଖୋଲା ଯାଇନାହିଁ । ଏହିକାମ ବେଳେ ଠିକାଦାର ସିଢି ଘରକୁ ଭାଙ୍ଗିଥିବା ବେଳେ ତହିଁରେ ଛାତ ନପଡିବା ଯୋଗୁ ବିଶେଷକରି ବର୍ଷା ଋତୁରେ ପାଣି ଗଳି ରୋଗୀ ସେବା କେନ୍ଦ୍ରରେ ଦୀର୍ଘମାସ ହେବ ପଶୁଛି । ରୋଗୀ ଓ କର୍ମଚାରୀଙ୍କ ସୁବିଧା ପାଇଁ ଏନଆରଏଚ୍ଏମ୍ ପକ୍ଷରୁ କାର୍ଯ୍ୟ କରାଯାଉଛି, ହେଲେ ଅବଧି ସରିବାକୁ ବସିଥିବା ବେଳେ ଉପର ମହଲା ଛାତ, ଶିଢି ଛାତ, ପ୍ଲାଷ୍ଟର, ଟାଇଲ୍, ରଙ୍ଗ ଆଦି ବାକି ରହିଛି । ସଠିକ୍ ସମୟରେ ଏହି କାର୍ଯ୍ୟ ହୋଇ ନପାରିବାରୁ ଅଫିସ୍ ଓ ପାଥୋଲାବ୍‌ର ସୁବିଧା ରୋଗୀ ଓ ସମ୍ପର୍କୀୟ ମାନେ ନପାଇ ହନ୍ତସନ୍ତ ହେଉଛନ୍ତି । କାର୍ଯ୍ୟଖଣ୍ଡିଆ ହୋଇ ପଡିବା ଏବଂ ଏଠାକୁ ଆସୁଥିବା ରୋଗୀଙ୍କ ଅସୁବିଧା ଦୂର ପାଇଁ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଣି ଶୁଶ୍ରୀ ସଙ୍ଗୀତା ବିଶ୍ୱାଳ ଏକାଧିକବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରିଥିଲେ ମଧ୍ୟ କାର୍ଯ୍ୟର ମନ୍ଥରତା ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ତେବେ ତୁରନ୍ତ କାର୍ଯ୍ୟ ସାରି ରୋଗୀଙ୍କ ସେବାରେ ଗୃହକୁ ହସ୍ତାନ୍ତରପାଇଁ ଅଂଚଳବାସୀ ଦୃଢ ଦାବୀ କରିଛନ୍ତି । ଏନେଇ ବିଭାଗୀୟ ଯନ୍ତ୍ରୀ ମୋବେସରା ଖାନମ୍‌ଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ଅକ୍ଟୋବରରେ କାର୍ଯ୍ୟ ସରିବାର ଥିଲା ବିଳମ୍ବ ଯୋଗୁ ଠିକାଦାରଙ୍କୁ ସୋକଜ୍ ନୋଟିସ୍ ସହ ଦରକାର ହେଲେ ଜୋରିମାନା କରାଯିବ ବୋଲି ଏହି ପ୍ରତିନିଧିଙ୍କୁ କହିଛନ୍ତି ।

କୋରାପୁଟ ଜିଲ୍ଲା ୪ମାସ ହେବ ମିଳୁନି ଭତା: ଦୁର୍ଦ୍ଦିନରେ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ

ଜୟପୁର,୩୦/୧୦(ନି/ପ୍ର): କୋରାପୁଟ ଜିଲ୍ଲାରେ ଗତ ୪ମାସ ହେବ ମିଳୁନି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତା । ଫଳରେ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଦୁର୍ଦ୍ଦିନ ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି । ପରିଣତ ବୟସରେ ପ୍ରତ୍ୟେକ ମାସରେ ମିଳୁଥିବା ଏହି ଭତାକୁ ଆଶ୍ରାକରି ସେମାନେ କୌଣସି ପ୍ରକାର ଚଳି ଯାଉଥିଲେ । କିନ୍ତୁ ଗତ ୪ମାସ ହେବ ଭତା ନମିଳିବାରୁ ଏହା ଉପରେ ଆଶ୍ରାକରି ଜୀବନ ବିତାଉଥିବା ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଭତା ଟଙ୍କା ପାଇବା ନେଇ କୋରାପୁଟ ଜିଲ୍ଲାର କୋରାପୁଟ, ଜୟପୁର, ବୈପାରିଗୁଡ଼ା, ବୋରିଗୁମ୍ମା, କୁନ୍ଦୁରା, ଲମତାପୁଟ, କୋଟପାଡ଼ ବ୍ଲକ କାର୍ଯ୍ୟାଳୟକୁ ଯାଇ ହିତାଧିକାରିମାନେ ନୟାନ୍ତ ହେଲେଣି । ପ୍ରଶାସନ ତରଫରୁ ଆଧାର ସହ ବ୍ୟାଙ୍କ ପାସ ବୁକ ଲିଙ୍କ କଲେ ଭତା ଟଙ୍କା ଆସିବ ବୋଲି କହୁଛନ୍ତି । କିନ୍ତୁ ବହୁ ହିତାଧିକାରି ଆଧାର ଲିଙ୍କ କରିବା ପରେ ମଧ୍ୟ ଭତା ଟଙ୍କା ଆସିନଥିବା ଅଭିଯୋଗ କରିଛନ୍ତି । ଗତ ତିନିମାସ ତଳେ ମଧ୍ୟ ୪ ମାସର ଭତା ଟଙ୍କା ଆସିନଥିବାବେଳେ ବର୍ତ୍ତମାନ ବି ଭତା ଟଙ୍କା ସମସ୍ୟା ରହିଛି । ରାଜ୍ୟ ଓ କେନ୍ଦ୍ର ସରକାର ସମାଜର ଅସହାୟ, ନିଃସ୍ୱ, ଦରିଦ୍ୟ ଓ ଭିନ୍ନକ୍ଷମମାନଙ୍କୁ ସାମାଜିକ ନିରାପତା ଯୋଗାଇ ଦେଇ ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ନିମନ୍ତେ ଏଭଳି ଯୋଜନାମାନ ପ୍ରଣୟନ କରିଛନ୍ତି । କିନ୍ତୁ ଏହିସବୁ ସାମାଜିକ ନିରାପତା ଯୋଜନାର ସୁଫଳ ଯଦି ସେହିମାନଙ୍କୁ ନମିଳେ ଯାହାଙ୍କ ପାଇଁ ଏହା ପ୍ରଣୟନ ହୋଇଛି ତେବେ ଏତେସବୁ ଯୋଜନା କେବଳ ଯାହା କାଗଜ କଲମରେ ସିମିତ ହେବା ବ୍ୟତୀତ ଆଉ କିଛିମାନେ ନାହିଁ ବୋଲି ଭତା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ପରିବାର ସଦସ୍ୟ କହିଛନ୍ତି । ସରକାରଙ୍କ ଏଭଳି ଯୋଜନାରେ ଯୋଡ଼ି ହୋଇଥିବା ନିଃସ୍ୱ, ଅସହାୟ, ଅବହେଳିତ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଯଦି ସେଥିରୁ ବଂଚିତ ହୁଅନ୍ତି ଓ ଏହାମଧ୍ୟରେ କିଛି ଅଘଟଣ ଘଟେ ତେବେ ଏଭଳି ଯୋଜନାର ମୂଲ୍ୟ କ'ଣ ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି । ଭତା ଟଙ୍କା ଉପରେ ଭରସା କରି ନିଜ ପାଇ ଔଷଧ କିଣିବା ସହ ଅନ୍ୟ କାର୍ଯ୍ୟ କରିଥାନ୍ତି । ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ମାତ୍ର ଏକ ହଜାର ଟଙ୍କା, ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାତ୍ର ମାସିକ ସାଢ଼େ ୩ ହଜାର ଟଙ୍କା ଯୋଗାଇବାରେ ବିଜେପି ସରକାର ବିଫଳ ହୋଇଛି ବୋଲି ବିରୋଧି ଦଳର ନେତାମାନେ ଅଭିଯୋଗ କରିଛନ୍ତି । ଯେଉଁ ରାଜ୍ୟରେ ସରକାର ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ଅସହାୟମାନଙ୍କ ବିପଦରେ ଛିଡ଼ା ହୋଇପାରୁ ନାହାନ୍ତି ସେଠାରେ ସରକାର ଅନ୍ୟ ଦିଗ ପ୍ରତି କିପରି ଯତ୍ନବାନ ହେବେ । ଏହି ଭିନ୍ନକ୍ଷମ ସରକାର କିପରି ଭିନ୍ନକ୍ଷମ ଲୋକମାନଙ୍କୁ ଭତା ଦେବ ତାହା ଏବେ ଚିନ୍ତାର ବିଷୟ ଅଟେ । ତେଣୁ ରାଜ୍ୟ ସରକାର ତୁରନ୍ତ ଗରିବ, ବୃଦ୍ଧା ବୃଦ୍ଧ, ଭତା ହିତାଧିକାରିଙ୍କ ଭତା ଟଙ୍କା ଦେବା ପାଇ ସାଧାରଣରେ ଦାବି ହୋଇଛି ।

ବାତ୍ୟା 'ଅର୍ଣ୍ଣବ'ର ତାଣ୍ଡବ: କଳିଙ୍ଗା ଘାଟିରେ ଭୂସ୍ଖଳନ ସହ ଘୁ.ଉଦୟଗିରିରେ ରେକର୍ଡ ବର୍ଷା

ଜି.ଉଦୟଗିରି,୩୦/୧୦(ନି/ପ୍ର): ବାତ୍ୟା 'ଅର୍ଣ୍ଣବ'ର ତାଣ୍ଡବ କନ୍ଧମାଳ ଜିଲ୍ଲାରେ ଦେଖିବାକୁ ମିଳିଛି । କନ୍ଧମାଳର କଳିଙ୍ଗା ଘାଟିରେ ବାତ୍ୟା 'ଅର୍ଣ୍ଣବ' ତାଣ୍ଡବ ରଚିଛି । ବହୁ ସ୍ଥାନରେ ଭୂସ୍ଖଳନ ଘଟି ବଡ଼ ବଡ଼ ପଥର ରାସ୍ତା ଉପରେ ପଡିବା ସହ ଗଛ ଉପୁଡି ପଡିଛି ।ଅନ୍ଧାରକୋଟରେ ପ୍ରଖର ସ୍ରୋତରେ ଗର୍ଜି ଜଳ ପ୍ରବାହିତ ହେଉଛି । ଦୀର୍ଘ ୩୭ଦିନ ହେଲା କଳିଙ୍ଗା ଘାଟି ରାସ୍ତାରେ ଯାତାୟତ ବନ୍ଦ ରହିଛି । ସେହିପରି ଘୁ.ଉଦୟଗିରିରେ ରେକର୍ଡ ପରିମାଣର ବର୍ଷା ହୋଇଛି । ୪୬୨.୪୦ମିମି ବର୍ଷା ରେକର୍ଡ କରାଯାଇଛି । କନ୍ଧମାଳ ଜିଲ୍ଲାର ସର୍ବାଧିକ ବର୍ଷା ଘୁ.ଉଦୟଗିରି ଅଂଚଳରେ ହୋଇଛି । ମିଳିଥିବା ସୂଚନା ମୁତାବକ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ବଡ଼ ଧରଣର ଭୂସ୍ଖଳନ ହୋଇଥିବାବେଳେ ମାତ୍ର ଦୁଇ ମିନିଟରେ ଧସିଯାଇଛି ସମ୍ପୂର୍ଣ୍ଣ ପାହାଡ଼ । ଆଉ ପାହାଡ ଧସିବା ଫଳରେ ଶହ ଶହ ଏକର ଜମିରେ ଗଦା ହୋଇଯାଇଛି ପଥର ଓ ମାଟି ଅତଡା । ଏଥିଯୋଗୁଁ ବ୍ୟାପକ ଫସଲ ନଷ୍ଟ ସହ ମାଟିରେ ମିଶିଯାଇଛି ଜମି । ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ କତିଙ୍ଗିଆ ପଚାଂୟତର ବଲିଙ୍ଗିଆ ଗ୍ରାମର ଏକ ପାହାଡ଼ ସମ୍ପୂର୍ଣ୍ଣ ଭୁଶୁଡି ପଡିଛି । ଆଉ ଏଥିପାଇଁ ଶହ ଶହ ଏକର ଜମି ମାଟିରେ ମିଶିଯିବା ସହ ସମ୍ପୂର୍ଣ୍ଣ ଅଂଚଳ ପଥର ମାଟି ଅତଡାରେ ପରିପୂର୍ଣ୍ଣ ହୋଇଯାଇଛି । ଆଜି ସକାଳ ୯.୫୯ ମିନିଟ ସମୟରେ ଏହି ଘଟଣା ଘଟିଥିବାବେଳେ ମନ୍ତ୍ରୀ ରବି ନାଏକ ଘଟଣାସ୍ଥଳକୁ ପରିଦର୍ଶନରେ ଯାଇଥିବା ସୂଚନା ମିଳିଛି ।

ବୀରନରସିଂହପୁର ମା ଦକ୍ଷିଣକାଳୀଙ୍କ କାଳୀପୂଜା ପାଇଁ ମାଟି ଅନୁକୂଳ

ପୁରୀ, ୩୦/୧୦(ନି/ପ୍ର): ପୁରୀ ଚନ୍ଦନପୁର ନିକଟସ୍ଥ ବୀରନରସିଂହପୁର ସ୍ଥିତ ମା ଦକ୍ଷିଣକାଳୀଙ୍କ କାଳୀପୂଜା ପାଇଁ ମାଟି ଅନୁକୂଳ ହୋଇଯାଇଛି । ନଭେମ୍ବର ୮ ତାରିଖ ଓ ୯ ତାରିଖ କାଳୀପୂଜା ପାଇଁ ମୃଣ୍ମୟୀ ପ୍ରତିମା ପାଇଁ ଏହି ମାଟି ଅନୁକୂଳ ହୋଇଥିଲା । ମାଟି ଅନୁକୂଳ ପାରମ୍ପରିକ ବିଧିବିଧାନ ଅନୁଯାଇ ମନ୍ଦିରରୁ ଆଜ୍ଞାମାଳ ଧରି ମୁଖ୍ୟ ପୂଜକ ହାରାଧନ ବାର୍ନାଜୀ (ତାରୁ ଭାଇନା) ପାରମ୍ପରିକ ବାଦ୍ୟ ଓ ଘଣ୍ଟ ଘଣ୍ଟା କାହାଳୀରେ ଶୋଭାଯାତ୍ରାରେ ଭଗବାନପୁର ମଶାଣି ନିକଟକୁ ଯାଇଥିଲେ । ପାରମ୍ପରିକ ବାଦ୍ୟ ଓ ଘଣ୍ଟ ଘଣ୍ଟା ଶବ୍ଦରେ ପ୍ରକମ୍ପିତ ହୋଇଥିଲା ପୂଜା ପରିସର ।ପଣ୍ଡିତ ବିଶ୍ୱମ୍ଭର ଦାଶ ଶାସ୍ତ୍ରୀୟ ବିଧି ଅନୁଯାଇ ପୂଜାର୍ଚ୍ଚନା କରି ମାଟି ଉଠାଇଥିଲେ ।

ଅନ୍ତିମ ପର୍ଯ୍ୟାୟ ଜନଗଣନାର ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ

ଅନୁଗୋଳ,୩୦/୧୦(ନି/ପ୍ର): ସ୍ଥାନୀୟ ବ୍ଲାକ ଡାଇମଣ୍ଡ ପ୍ରେକ୍ଷାଳୟଠାରେ ଦୁଇଦିନିଆ 'ପପୁଲେସନ ଏନୁମେରେସନ' (ଜନଗଣନା) ସମ୍ବନ୍ଧୀୟ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଜନଗଣନା ଭଳି ଏକ ଜାତୀୟ ତଥା ମହତ କାର୍ଯ୍ୟକ୍ରମକୁ ସମସ୍ତେ ଅତ୍ୟନ୍ତ ନିଷ୍ଠା, ଦାୟିତ୍ୱବୋଧ ଏବଂ ଆନ୍ତରିକତାର ସହ ନିର୍ବାହ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ଡେପୁଟି ଜନଗଣନା ଅଧିକାରୀ ତଥା ଡେପୁଟି ଜିଲ୍ଲାପାଳ ଶ୍ରୀ ଜୟକୃଷ୍ଣ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ସମଗ୍ର ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଦୁଇଦିନିଆ ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲା ଜନଗଣନା ଅଧିକାରୀ, ଉପ ଜିଲ୍ଲାପାଳ ତଥା ଉପଖଣ୍ଡୀୟ ଜନଗଣନା ଅଧିକାରୀ, ଜିଲ୍ଲାର ସମସ୍ତ ୧୨ ଜଣ ଚାର୍ଜ ଅଫିସର, ଅତିରିକ୍ତ ଚାର୍ଜ ଅଫିସର, ଜନଗଣନା ସହକାରୀ ଏବଂ ବୈଷୟିକ ସହକାରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନଗଣନା ଅପରେସନ ସେଲର ବରିଷ୍ଠ ସହାୟକ ଶ୍ରୀ ସୁଶାନ୍ତ କୁମାର ଅମାନ୍ତ, ବୈଷୟିକ ସହାୟକ ଶ୍ରୀ ଆଶିଷ ବେହେରା ଓ ଶ୍ରୀ ଶ୍ରବଣ ସାହୁ ସହଯୋଗ କରିଥିଲେ ।

ଖୋର୍ଦ୍ଧା ଜିଲାରେ ହାରାହାରି ୪୦.୬୪ ମିଲିମିଟର ବର୍ଷା

ଖୋର୍ଦ୍ଧା,୩୦/୧୦(ନି/ପ୍ର):ଖୋର୍ଦ୍ଧା ଜିଲାରେ ଅକ୍ଟୋବର ୨୭ରୁ ୨୮ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ବିଭିନ୍ନ ଅଂଚଳରେ ବର୍ଷା ରେକର୍ଡ କରାଯାଇଛି । ଜିଲାର ୧୪ଟି ବର୍ଷା ମାପ କେନ୍ଦ୍ରରେ ହାରାହାରି ୪୦.୬୪ ମିଲିମିଟର ବର୍ଷା ହୋଇଥିବା ତଥ୍ୟରୁ ଜଣାପଡ଼ିଛି ।ରିପୋର୍ଟ ଅନୁଯାୟୀ, ଟାଙ୍ଗୀରେ ସର୍ବାଧିକ ୫୮ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଚିଲିକାରେ ୫୩ ମିମି ଏବଂ ବିଏମ୍ସିର ଉତର ଜୋନରେ ୫୧ ମିମି ବର୍ଷା ହୋଇଛି । ସେହିପରି ବାଣପୁରରେ ୪୯ ମିମି, ବାଲିଅନ୍ତା ଓ ବୋଲଗଡ଼ରେ ୪୨ ମିମି ଏବଂ ବାଲିପାଟଣାରେ ୪୦ ମିମି ବର୍ଷା ରେକର୍ଡ କରାଯାଇଛି ।

ବିବିଧା

କ୍ଷାତକାର

'ବାସ୍ତବଧର୍ମୀ ସିନେମା ଦର୍ଶକଙ୍କ ପ୍ରଥମ ପସନ୍ଦ'

ଅଙ୍କିତା ମହାନ୍ତି, ଅଭିନେତ୍ରୀ

ଥମେ ସେ ମଞ୍ଚ ପରିଚାଳନା କରୁଥିଲେ । ତାଙ୍କ ଆଙ୍କରିଂ କରିବା ଶୈଳୀ ଦର୍ଶକଙ୍କୁ ଆକୃଷ୍ଟ ଥିଲା । ଏହା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି । ସାମାଜିକ ଗଣମାଧ୍ୟମ ଜରିଆରେ ଅଭିନେତ୍ରୀ ହେବାକୁ ସୁଯୋଗ ମିଳିଥିଲା । 'ରହସ୍ୟ' ସିନେମାରୁ କ୍ୟାରିୟର ଆରମ୍ଭ କରିଥିବା ହି ଉଦୀୟମାନ ଅଭିନେତ୍ରୀ ଜଣକ ହେଉଛନ୍ତି ଅଙ୍କିତା ମହାନ୍ତି । ତାଙ୍କର ଜନ୍ମସ୍ଥାନ ଭଦ୍ରକ ା ବାଉଦପୁର । ନିକଟରେ ତାଙ୍କ ଅଭିନୀତ ଓଡ଼ିଆ ସିନେମା 'ମୁରବି'କୁ ଦର୍ଶକ ଭଲ ପାଇବା ଛନ୍ତି । ସ୍ୱଳ୍ପ ସମୟରେ ଦର୍ଶକ ମହଲରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଥିବା ଅଙ୍କିତା ନିଜ ବିଷୟରେ କ'ଣ କୁହନ୍ତି ଜାଣିବା ତାଙ୍କ ମୁହଁରୁ ।

ପ୍ରତି କିପରି ଓ କେବେଠୁ ରୁଚି ଆସିଲା?

ା ସାରି ଚାକିରି କରିବା ଉଦ୍ଦେଶ୍ୟରେ ମୁଁ ନେଶ୍ୱର ଆସିଥିଲି । ସମୟକ୍ରମେ ବିଭିନ୍ନ ଭେଣ୍ଟରେ ମଞ୍ଚ ପରିଚାଳନା କରିଲି । ସେହି ୟରେ ମୁଁ ସର୍ବଦା ସାମାଜିକ ଗଣମାଧ୍ୟମରେ ୟ ରହୁଥିଲି । ସୌଭାଗ୍ୟବଶତଃ ଏହି ଫର୍ମ ଦ୍ୱାରା ମୋତେ 'ରହସ୍ୟ' ସିନେମାରେ । କରିବାକୁ ସୁଯୋଗ ମିଳିଥିଲା । ଏଥିରେ ବିପକ୍ଷରେ ଥିଲେ ବିଘ୍ନେଶ୍ୱର ପଣ୍ଡା । ାପରେ ୨୦୧୯ ମସିହାରେ ଜୀ ସାର୍ଥକର ର ନ ଖାଇ ପାରିଲେ ଖଟା'ରେ ଦେବାଶିଷ ଙ୍କ ସହିତ କାମ କରିଥିଲି । ପରେ ପରେ ଭାଇଙ୍କ ସହ 'ବୁଲବୁଲ୍ ଣ୍ଡ', 'ଗ୍ୟାଙ୍ଗସ୍ ଅଫ୍ ା-୧', 'ଗ୍ୟାଙ୍ଗସ୍ ପୁରୀ-୨' ୍ ସିରିଜ୍‌ରେ ା କରିବାକୁ ତେ ସୁଯୋଗ ଥିଲା ।

ପ୍ରଥମ ଥର କ୍ୟାମେରାକୁ ସାମ୍ନା କରିବାକୁ ଭୟ ଲାଗିଥିଲା କି?

- ପ୍ରଥମ ଥରର କାମ କରିବାର ଅନୁଭୂତି ସମସ୍ତଙ୍କର ସର୍ବଦା ନିଆରା ହୋଇଥାଏ । ମୁଁ କ୍ୟାମେରାକୁ ସାମ୍ନା କରିବାକୁ ଭୟ କରି ନଥିଲି । ବରଂ କାମକୁ ନେଇ ସିରିୟସ୍ ଥିଲି ।

'ମୁରବି' ସିନେମାରେ କାମ କରିବାର ଅନୁଭୂତି?

- ନିକଟରେ 'ମୁରବି' ସିନେମା ରିଲିଜ୍ ହୋଇଛି । ଏଥିରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଦୁଇଜଣ ବରିଷ୍ଠ ଅଭିନେତା କୁନା ତ୍ରିପାଠୀ ଏବଂ ଚୌଧୁରୀ ଜୟ ପ୍ରକାଶ ଦାସ । ଏଥିରେ ମୁଁ ଚୌଧୁରୀ ଜୟ ପ୍ରକାଶଙ୍କ ବଡ଼ ବୋହୂ ଚରିତ୍ରରେ ଅଭିନୟ କରିଛି । ଏହା ଏକ ସାମାଜିକ ମୂଲ୍ୟବୋଧ ସିନେମା । ଏଥିରେ ସମାଜକୁ ଶିକ୍ଷା ଦେବାକୁ ଅନେକ ଶିକ୍ଷଣୀୟ କଥା ରହିଛି । ଦୀର୍ଘ ବର୍ଷ ପରେ ଦର୍ଶକ ଏମିତି ଏକ ସମ୍ପୂର୍ଣ୍ଣ ପାରିବାରିକ କାହାଣୀର ସିନେମା ଦେଖିବାକୁ ସୁଯୋଗ ପାଇଛନ୍ତି । ତେବେ ସିନେମାରେ ବଡ଼ ବୋହୂ ଚରିତ୍ରରେ ନିଖୁଣ ଅଭିନୟ କରିବା ପାଇଁ ପ୍ରାୟ ସାତ ଆଠଦିନ ୱାର୍କସପ୍ କରିଥିଲି । କେବଳ ମୁଁ ନୁହେଁ, ମୋ ସହିତ ଅନ୍ୟାନ୍ୟ କଳାକାରମାନେ ସମସ୍ତେ ୱାର୍କସପ୍ କରିଥିଲେ ।

'ମୁରବି' ସିନେମାର ସଫଳତାକୁ ନେଇ କେତେ ଖୁସି ଅଛନ୍ତି?

- ବହୁତ ଖୁସି ଅଛି । 'ମୁରବି' ସିନେମା ରିଲିଜ୍ ହେବାକୁ ମାସେ ଟପିଗଲାଣି । ଏହା ଭିତରେ ଅନେକ ତାରକାଙ୍କ ସିନେମା ଆସି ହଲରୁ ଉଠିଗଲାଣି ହେଲେ ଆମ ସିନେମା ଏବେ ବି ପ୍ରେକ୍ଷାଳୟରେ ଚାଲିଛି । ଦର୍ଶକଙ୍କ ହୃଦୟରେ 'ମୁରବି' ସ୍ୱତନ୍ତ୍ର ସ୍ଥାନ ନେଇଛି । ଗୋଟିଏ କଥା କହିବି, ବର୍ତ୍ତମାନ ଦର୍ଶକ ବାସ୍ତବଧର୍ମୀ ସିନେମା ଦେଖିବାକୁ ପସନ୍ଦ କରୁଛନ୍ତି । ତେଣୁ ଓଡ଼ିଶାର, କଳା, ସଂସ୍କୃତି, ଓଡ଼ିଆ ଘରର ପରମ୍ପରା, ଦୁଇ ପରିବାରର ଭକ୍ତି, ସ୍ନେହ ଶ୍ରଦ୍ଧା ଆଉ ଅନୁଶାସନକୁ ସିନେମା ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିବାରୁ ଏହା ଦର୍ଶକଙ୍କ ହୃଦୟକୁ ଛୁଇଁଛି ।

ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ ?

- ମୋ ମାଆଙ୍କୁ କିଛି ଉପହାର ଦେଇଥିଲି ।

ଅଙ୍କିତାଙ୍କ ଫିଟ୍ ରହିବାର ମୂଳମନ୍ତ୍ର?

- ସୁଟିଂ ସେଟ୍‌ରୁ ଫୁରସତ୍ ମିଳିଲେ ଘରେ ସମୟ ବିତାଇବାକୁ ଭଲପାଏ । ଫିଟ୍ ରହିବାକୁ ୱାର୍କଆଉଟ୍ କରେ । ଜିମ୍ ବଦଳରେ ମୁଁ ଯୋଗ, ପ୍ରାଣାୟମ କରେ । ଏହା ସହିତ ଘରୋଇ ଖାଦ୍ୟ ଖାଇବାକୁ ବେଶି ଭଲ ପାଏ ।

ନୂଆ କରି ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?

- ଦୁଇଟି କଥାକୁ ଗୁରୁତ୍ୱ ଦେବା ଦରକାର । ପ୍ରଥମତଃ ନିଜ ଶିକ୍ଷା ଶେଷ କରି ଅଭିନୟ ଜଗତକୁ ଆସନ୍ତୁ । ଆଉ ଦ୍ୱିତୀୟରେ ଭଲ କଳାକାରଟିଏ ହେବାକୁ ନିଜକୁ ସେମିତି ପ୍ରସ୍ତୁତ କରନ୍ତୁ । ଯେଉଁ କାମ କରୁଛନ୍ତି ମନ ଧ୍ୟାନ ଦେଇ କରିବା ଭଲ ।

ପରଦା ପଛର କାହାଣୀ

ରାତି ଚାରିଟାରେ ଗୀତ ରେକର୍ଡିଂ

୧୯୯୯ ମସିହାରେ ମୁକ୍ତିଲାଭ କରିଥିଲା ସୁପରହିଟ୍ ଫିଲ୍ମ 'ହମ୍ ଦିଲ୍ ଦେ ଚୁକେ ସନମ୍' । ବଲିଉଡ୍ ଅଭିନେତା ସଲମାନ୍ ଖାନ୍ ଏବଂ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କ ଅଭିନୀତ ଏହି ଫିଲ୍ମରେ ନିର୍ଦ୍ଦେଶନା ଦେଇଥିଲେ ସଞ୍ଜୟ ଲୀଳା ଭଂସାଲି । ଏଥିରେ ଏକାଧିକ ଗୀତ ସୁପରହିଟ୍ ହୋଇଥିଲା । ଯାହା ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କରିଥିଲା । ତେବେ ଏହି ଫିଲ୍ମର 'ତଡ଼ପ୍ ତଡ଼ପ୍ କେ ଇସ୍ ଦିଲ୍ ସେ...' ଗୀତ ରେକର୍ଡିଂକୁ ନେଇ ଏକ ରୋଚକୀୟ କାହଣୀ ରହିଛି । ଏହି ସ୍ୱତନ୍ତ୍ର ଗୀତଟିକୁ କଣ୍ଠଶିଳ୍ପୀ କେକେ ଭୋର୍ ଚାରିଟାରେ ରେକର୍ଡ କରିଥିଲେ । ତ୍ରିକୋଣୀୟ ପ୍ରେମ ଉପରେ ଆଧାରିତ ଏହି ଫିଲ୍ମରେ ସଲମାନ୍‌ଙ୍କ ହୃଦୟ ଭାଙ୍ଗିବା ଦୃଶ୍ୟରେ 'ତଡ଼ପ୍ ତଡ଼ପ୍ କେ ଇସ୍ ଦିଲ୍ ସେ...' ଇମୋସନାଲ୍ ଗୀତଟି ବାଜୁଥିଲା । ଏହି ଗୀତଟି ରାତି ଗୋଟାଏରେ ରେକର୍ଡିଂ କରାଯାଇଥିଲା । ପାଖାପାଖି ୫୦ ପ୍ରତିଶତ ରେକର୍ଡିଂ ସରିବା ପରେ ଅଚାନକ ଷ୍ଟୁଡିଓରେ ସର୍ଟ୍ ସର୍କିଟ୍ ହୋଇଯାଇଥିଲା । ଫଳରେ ଗୀତ ରେକର୍ଡିଂକୁ ଅଧାରେ ରଖାଯାଇଥିଲା । ଏହାଦ୍ୱାରା କେକେଙ୍କୁ ସାମାନ୍ୟ ବିରତି ମିଳିଥିଲା । ସେ ଷ୍ଟୁଡିଓ ବାହାରକୁ ଯାଇ ଗୋଟିଏ କୋଣରେ ବସି ଥିବାବେଳେ ତାଙ୍କ ଆଖି ଲାଗି ଯାଇଥିଲା । ସେ ଶୋଇ ପଡ଼ିଥିଲେ । ଏହାପରେ ଭୋର୍ ୪ ଟାରୁ ତାଙ୍କ ନିଦ ଭାଙ୍ଗିଥିଲା । କପେ ଚା' ପିଆଇ ନିର୍ଦ୍ଦେଶକ ତାଙ୍କୁ ଅବଶିଷ୍ଟାଂଶ ଗୀତକୁ ରେକର୍ଡିଂ କରିବା ପାଇଁ କହିଥିଲେ । ଗୀତର ବଳକା ଅଂଶ ହାଇପିଚ୍‌ରେ ଥିଲା । ତେବେ ଏକାଥରକେ ହାଇପିଚ୍ ଗୀତ ଗାଇବା କଷ୍ଟକର ଥିଲା । ତେଣୁ ସେ ଚା' କପ୍ ଧରି ସିଧା ଛାତ ଉପରକୁ ଯାଇଥିଲେ । ଭୋର୍ ଚାରିଟା ବେଳେ ଶାନ୍ତ ପରିବେଶ, ଖୋଲା ଆକାଶ, ସମୁଦ୍ର ଏବଂ ସତେଜ ପବନକୁ ଅନୁଭବ କରିଥିଲେ । ଏହାପରେ ତଳକୁ ଆସି ଘରକୁ ଯାଉଥିବା ସଙ୍ଗୀତ ନିର୍ଦ୍ଦେଶକ ସ୍ମାଇଲ୍ ଦରବାରଙ୍କୁ ଆଉ ଗୋଟେ ଟେକ୍ ନେବା ପାଇଁ କହିଥିଲେ । ହେଲେ ସେ ତାଙ୍କୁ ମନା କରିଥିଲେ । ପରବର୍ତ୍ତୀ ସମୟରେ ସେ କେକେଙ୍କ ଜିଦ୍ ପାଇଁ ହଁ କହିଥିଲେ । ରାତି ଚାରିଟାରେ ସେ ହାଇପିଚ୍‌ରେ 'ଅଗର ମିଲେ ଖୁଦା ତୋ, ଜିସ୍ନେ ମୁଝେ ଦେ କେ ମିଟି କା ଶିଶେ କା ଦିଲ୍ କ୍ୟୁଁ ବନାୟା...' ଗାଇଥିଲେ । ଗୀତରେ ଏହି ଅଂଶଟି ଆସିଲେ ଶୁଣୁଥିବା ଲୋକଙ୍କ ଆଖିରେ ଲୁହ ଆସିଯାଏ । ଏଥିରେ ସଲମାନ୍ ଭଙ୍ଗା ହୃଦୟର ଯେଉଁ ଅଭିନୟ କରିଥିଲେ ତାହା ସବୁଦିନ ପାଇଁ ଦର୍ଶକଙ୍କ ମନରେ ରହିଗଲା ।

ତତେ ଲାଗିଲା ମୋ ଶଙ୍ଖା ସିନ୍ଦୂର

ସାବିତ୍ରୀ ଉପଲକ୍ଷେ ଆଜି ସନ୍ଧ୍ୟା ୬ଟା ୩୦ରେ ତରଙ୍ଗରେ ଟେଲିଭିଜନ ପ୍ରିମିୟର ହେବ 'ତତେ ଲାଗିଲା ମୋ ଶଙ୍ଖା ସିନ୍ଦୂର' । ସିନେମାର ମୁଖ୍ୟ ଚରିତ୍ରରେ ନିକିତା ଓ ତୃଷାର ଅଭିନୟ କରିଛନ୍ତି । ଏ ଦୁହିଁଙ୍କ ବ୍ୟତୀତ ସିମରନ, ଅର୍ପଣ, ଶୁଭ୍ରାଂଶୁ, ବେବି, ହିମାଂଶୁ, ଭକ୍ତି, ଚନ୍ଦନ, ଅଭିଷେକ, ସନ୍ତୋଷ, ମାମାଲି ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ସିନେମାର ନିର୍ଦ୍ଦେଶନା, କାହାଣୀ, ଚିତ୍ରନାଟ୍ୟ ଓ ସଂଳାପରେ ଅଛନ୍ତି ସଞ୍ଜୟ ନାୟକ । ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ସିନେମାର ଗୀତ ରଚନା କରିଛନ୍ତି ପ୍ରକାଶ ଚନ୍ଦ୍ର ଜେନା ଏବଂ ସଂଗୀତରେ ସଜାଇଛନ୍ତି ବିନାୟକ ପଣ୍ଡା । ସିନେମାଟି ଏକ ପାରିବାରିକ କାହାଣୀ ଉପରେ ଆଧାରିତ । ମୁଖ୍ୟତଃ ସ୍ୱାମୀ-ସ୍ତ୍ରୀଙ୍କର ଏକ ସୁନ୍ଦର ସମ୍ପର୍କ ଏଥିରେ ଦେଖିବାକୁ ମିଳିବ । ତେଣୁ ଏହାକୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା କରାଯାଉଛି ।

ଟେଲିଭିଜନ ପ୍ରିମିୟର

'ଦେବିକା' ଚରିତ୍ରରେ ସୂର୍ଯ୍ୟମୟୀ

ଖୁବ୍ ଶୀଘ୍ର ଆସିବାକୁ ଯାଉଛି '୨୯ ଟୁ ନାଇନ୍ ଫିଲ୍ମ' ଏବଂ 'କ୍ୟାମେରା କ୍ରିନ୍ ପ୍ରଡକ୍ସନ୍' ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ସିନେମା 'ରାବଣ' । ଷ୍ଟାର୍‌କାଷ୍ଟଙ୍କ ପ୍ରଥମ ଲୁକ୍ ମଧ୍ୟ ସାମ୍ନାକୁ ଆସିଛି । ଏହି ସିନେମାର ମୁଖ୍ୟ ଚରିତ୍ରରେ ଅନୁଭବ ମହାନ୍ତି ନଜର ଆସିବେ । ତେବେ ସିନେମାରେ ସୂର୍ଯ୍ୟମୟୀଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଏଥିରେ ସେ ଦେବୀକା ଭୂମିକାରେ ଅଭିନୟ କରୁଛନ୍ତି । ସୂର୍ଯ୍ୟମୟୀଙ୍କ ପୋଷ୍ଟର ସାମ୍ନାକୁ ଆସିବା ପରେ ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଛନ୍ତି । ପୋଷ୍ଟରରେ ସେ ଯୋଦ୍ଧା ଭଳି ନଜର ଆସିଛନ୍ତି । ପୋଷ୍ଟରରୁ ସୂର୍ଯ୍ୟମୟୀଙ୍କ ଚରିତ୍ରଟି ଦମ୍‌ଦାର ହୋଇଥିବା ଅନୁମାନ କରାଯାଉଛି । ସେହିପରି ଅନ୍ୟ ସିନେମା ଭଳି ଏହି ସିନେମାରେ ବି ତାଙ୍କୁ ଦର୍ଶକୀୟ ଆଦୃତି ମିଳିବା ଆଶା କରାଯାଉଛି । ଫିଲ୍ମର ନିର୍ଦ୍ଦେଶନାରେ ବୀରେନ ଜ୍ୟୋତି ମହାନ୍ତି ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଜାଗୃତି ଏବଂ ହିମାଦ୍ରି । ସେହିପରି ଏହି ସିନେମାର କାହାଣୀ ଜାଗୃତି ଲେଖିଛନ୍ତି ।

'ଶିକାର'ର ଟିଜର୍ ରିଲିଜ

ଆସନ୍ତା ରଜରେ ହେବାକୁ ଯାଉଛି ଅମ୍ଲାନଙ୍କର ଦମଦାର୍ କମ୍ ବ୍ୟାକ୍ । ନିକଟରେ ରିଲିଜ ହୋଇଛି ନୂଆ ଓଡ଼ିଆ ସିନେମା 'ଶିକାର'ର ଟିଜର୍ । ଦମ୍‌ଦାର୍ କାଷ୍ଟିଂ, ଓଜନଦାର ସଂଳାପ ସାଙ୍ଗକୁ ପ୍ରଭାବଶାଳୀ ପ୍ରଚ୍ଛଦ ସଙ୍ଗୀତକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି । ବୈଦ୍ୟନାଥ ଦାଶ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ସଚ୍ଚିକାନ୍ତ ଜେନା ପ୍ରଯୋଜିତ ଓ ମୃତ୍ୟୁଞ୍ଜୟ ସାହୁ ନିର୍ଦ୍ଦେଶିତ 'ଶିକାର' ଆସନ୍ତା ଜୁନ୍ ୧୨ ତାରିଖରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା 'ମୁନ୍ ଟିଭି' ତରଫରୁ ପ୍ରକାଶ ।

'ନଅ ବାୟା'ର ଶୁଭ ମହୁରତ

ନିକଟରେ ଭୁବନେଶ୍ୱର ସିଆର୍‌ପିଏଫ୍ ସ୍ଥିତ ଶ୍ରୀ ଶ୍ରୀ ସଙ୍କଟ ମୋଚନ ହନୁମାନ ମନ୍ଦିର ଙ୍ଗଣରେ ଓଡ଼ିଆ ଚଳଚ୍ଚିତ୍ର ଅ ବାୟା'ର ଶୁଭ ମହୁରତ ନୁଷ୍ଠିତ ହେଇଯାଇଛି । ଡିଏମ୍ ଫିଲ୍ମସ୍ ାନରରେ ନିର୍ମିତ ଏହି ଫିଲ୍ମଟିର ପ୍ରଯୋଜକ ଉଛନ୍ତି ଦେବାଶିଷ ମହାନ୍ତି । 'ନଅ ବାୟା'ର କାହାଣୀ, ଚିତ୍ରନାଟ୍ୟ, ଳାପ ଓ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ନାୟକ ମିକାରେ ଅମନ୍ ଅଭିନୟ କରୁଥିବା ବେଳେ ନାୟିକା ଚରିତ୍ରରେ ିଷା ଓ ଦେବସ୍ମିତା ଅଭିନୟ କରୁଛନ୍ତି । ଅନ୍ୟାନ୍ୟ ଭୂମିକାରେ ୀଧୁରୀ ଜୟପ୍ରକାଶ ଦାସ (ଟିଲୁ ଭାଇ) , ଦେବୁ ବ୍ରହ୍ମା, କୁନାଲ, ମନ, ପ୍ରଶାନ୍ତ, ସୋମୁ, ଭକ୍ତି, ଗୋପାଳ, ମିଟୁ, ପ୍ରୀତିରଞ୍ଜନ, ି (ନଟିଆ), ଦେବବ୍ରତ, ଡାଙ୍ଗ, ଲିପ୍‌ସା, ବିଭୁ, ଶଙ୍କର, ମାଙ୍କେ ଭିନୟ କରୁଛନ୍ତି । ନିର୍ଦ୍ଦେଶକ ନିରଞ୍ଜନ ବେହେରାଙ୍କ ପୂର୍ବ ସିନେମା ି ଏହା ମୌଳିକ କାହାଣୀ ଉପରେ ଆଧାରିତ । ଏହି ଫିଲ୍ମରେ ମେଡି, ଡ୍ରାମା, ଇମୋସନ୍ ଭରି ରହିଛି । ଏହି ସିନେମାରେ ସମାଜ ଇଁ ଏକ ବାର୍ତ୍ତା ରହିଛି । ଏହି ଚଳଚ୍ଚିତ୍ରର ଟାଇଟଲ୍ ଗୀତକୁ କଣ୍ଠଶିଳ୍ପୀ ଷ୍ଟୁ, ସତ୍ୟଜିତ୍, ତାରିକ୍, ସଂଗ୍ରାମ, ବୈଭବ, ଚିରାଗ, ଏସ୍. ଜିତୁ, ଜେମ୍ସ ଅନ୍ତରା ଚକ୍ରବର୍ତ୍ତୀ ଗାଇଛନ୍ତି । 'ନଅ ବାୟା'କୁ ସଙ୍ଗୀତରେ ସଜେଇଛନ୍ତି ଷ୍ଣୁ ମୋହନ କବି । କାହାଣୀ ଅନୁଯାୟୀ ଏହି ଚଳଚ୍ଚିତ୍ରରେ ୯ ଜଣ ବାୟା ଭିନୟ କରୁଛନ୍ତି । ଶିକ୍ଷକ, ନେତା, ଗାୟକ, ପ୍ରେମିକ, ଚୋର, କାଳେସୀ, ତ୍ରା କଳାକାର ଓ ମଦୁଆ । ହେଲେ ୯ ନମ୍ବର ବାୟାଟି କିଏ ତାହା ଏକ ଶ୍ନବାଚୀ । ଏମାନେ ସବୁ ପରିସ୍ଥିତିରେ ପଡ଼ି ପାଗଳ ହେଇଯାଇଛନ୍ତି । ଏହି ଜଣ ବାୟା ଡକ୍ଟର ଅଭିଲିପ୍ସା ଦାସଙ୍କୁ ଭଲ ପାଉଛନ୍ତି ସତ, ହେଲେ ତାଙ୍କୁ ବାହ କିଏ କରୁଛନ୍ତି, ଏ ସମସ୍ତ ପ୍ରଶ୍ନର ଉତ୍ତର ଦେବ 'ନଅ ବାୟା' । ଏହି ଳଚ୍ଚିତ୍ରର ଡ୍ରାମା ସିନ୍ ଓଡ଼ିଶା ଭିତରେ ଏବଂ ଗୀତ ବାହାର ଲୋକେସନ୍‌ରେ ଟିଂ ହେବ ବୋଲି ପ୍ରଯୋଜକ ଦେବାଶିଷ ମହାନ୍ତି କହିଛନ୍ତି ।



ମୌନିଙ୍କ ବିବାହ ବିଚ୍ଛେଦ

ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ ମୌନି ରୟଙ୍କ ବିବାହ ବିଚ୍ଛେଦ ଘଟିଛି । ମୌନି ଏବଂ ସୁରଜ ନାମ୍ବିଆ ଅଲଗା ହେବେ ବୋଲି ଦୀର୍ଘ ଦିନ ହେବ ଚର୍ଚ୍ଚା ହେଉଥିଲା । ଏବେ ଦୁହେଁ ଦୀର୍ଘ ୪ ବର୍ଷ ପରେ ପରସ୍ପରଠାରୁ ଅଲଗା ହେବା କଥା ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି । ଦୁହେଁ ପାରସ୍ପରିକ ବୁଝାମଣା ଓ ସମ୍ମାନର ସହିତ ଆଗକୁ ବଢ଼ିବା ନିଷ୍ପତ୍ତି ନେଇଥିବା କହିଛନ୍ତି । ସହମତିରେ ଦୁହେଁ ପରସ୍ପରଠାରୁ ନିଜ ନିଜ ରାସ୍ତା ଅଲଗା କରି ନେଇଛନ୍ତି । ସେମାନଙ୍କ ସମ୍ପର୍କ ୨୦୧୮ ମସିହାରୁ ଆରମ୍ଭ ହୋଇଥିଲା । ପ୍ରଥମ ଥର ପାଇଁ ଦୁହିଁଙ୍କ ଭେଟ ଦୁବାଇରେ ହୋଇଥିଲା । ପ୍ରାୟ ଚାରି ବର୍ଷ ପର୍ଯ୍ୟନ୍ତ ଦୁହେଁ ପରସ୍ପରକୁ ଡେଟ୍ କରିଥିଲେ । ତେବେ ୨୦୨୨ ମସିହା ଜାନୁଆରୀ ୨୭ରେ ଗୋଆରେ ବିବାହ ବନ୍ଧନରେ ସୁରଜ ଓ ମୌନି ଆବଦ୍ଧ ହେଲେ । ଅନ୍ୟପଟେ ଦୁହିଁଙ୍କ ବିବାହ ବିଚ୍ଛେଦ ଘଟିଥିଲେ ବି ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱ ଓ ଯୋଗାଯୋଗ ରହିବ ।

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୩୧ ଅକ୍ଟୋବର ୨୦୨୬

ଗାନ୍ଧୀ ଦୃଷ୍ଟି : 'ଡିଅର ଟଲଷ୍ଟୟ, ୟର୍ସ ଗାନ୍ଧୀ'

'ଡିଅର ଟଲଷ୍ଟୟ, ୟର୍ସ ଗାନ୍ଧୀ' ହେଉଛି ଏକ ବହିର ନାଁ। ଏହା ଏକ ଐତିହାସିକ ଚରିତ୍ର ଉପନ୍ୟାସ। ବହିଟି ଲେଖିଛନ୍ତି ଇସ୍ରାଏଲୀ ଲେଖକ ତଥା ପ୍ରସିଦ୍ଧ ଚିତ୍ରକର ଜୋନାଥନ କିସ୍-ଲେଭ୍। ବହିର ମୁଖ୍ୟ ଚରିତ୍ରରେ ଅଛନ୍ତି ଲିଓ ଟଲଷ୍ଟୟଙ୍କ ବଡ଼ ଝିଅ କୁମାରୀ ଟାଟିଆନା ଟଲଷ୍ଟୟ। ଟାଟିଆନା ଏଥିରେ ନିଜ ଜୀବନ କାହାଣୀ ବର୍ଣ୍ଣନା କରିଛନ୍ତି ଏବଂ ତାଙ୍କ ଜୀବନ କିପରି ତାଙ୍କ ବାପା ଟଲଷ୍ଟୟ ଓ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କ ଦ୍ୱାରା ପ୍ରଭାବିତ ହୋଇଛି, ତା'ର ଉଲ୍ଲେଖ କରିଛନ୍ତି। ଟାଟିଆନା କହନ୍ତି, ଟଲଷ୍ଟୟ ଓ ଗାନ୍ଧୀଙ୍କ ସମ୍ପର୍କ ଆରମ୍ଭ ହୋଇଥିଲା ୧୯୦୯ ମସିହା ଅକ୍ଟୋବର ୧ ତାରିଖରେ, ଗାନ୍ଧୀ ଟଲଷ୍ଟୟଙ୍କ ପାଖକୁ ଲେଖିଥିବା ଏକ ଚିଠିରୁ। ଭାରତର ସେବର ଜଣେ ଅପେକ୍ଷାକୃତ ଅଜଣା ଯୁବ ଓକିଲଙ୍କର ଚିଠିର ସମ୍ବୋଧନ ଏବଂ ଇତି ଖୁବ୍ ଆତ୍ମିକ ଲାଗିଥିଲା ତତ୍କାଳୀନ ପୃଥିବୀର ସର୍ବଶ୍ରେଷ୍ଠ ତଥା ବରିଷ୍ଠ ସାହିତ୍ୟିକ ଟଲଷ୍ଟୟଙ୍କୁ। ଗାନ୍ଧୀଙ୍କୁ କେବେ ଦେଖି ନଥିଲେ ବି ଗାନ୍ଧୀଙ୍କ ଅହିଂସା ଓ ସ୍ୱାର୍ଥହୀନ ତ୍ୟାଗର ପ୍ରଶଂସକ ଥିଲେ ଟଲଷ୍ଟୟ ଏବଂ ସଂଗ୍ରାମ ପାଇଁ ଟଲଷ୍ଟୟଙ୍କ ନିଷ୍କ୍ରିୟ ପ୍ରତିରୋଧ (ପାସିଭ୍ ରେଜିଷ୍ଟାନ୍ସ) ଓ ପ୍ରେମ ତନ୍ତ୍ରକୁ ଆପଣାଇ ପ୍ରୟୋଗ କରିଥିଲେ ଗାନ୍ଧୀ। ଉଭୟଙ୍କ ଭିତରେ ସମ୍ପର୍କର ସେତୁ ଥିଲେ ଟାଟିଆନା। ଟାଟିଆନା ଗାନ୍ଧୀଙ୍କ ଚିଠିକୁ ରୁଷୀୟ ଭାଷାରେ ଅନୁବାଦ କରି ଟଲଷ୍ଟୟଙ୍କୁ ଶୁଣେଇ ଦେଉଥିଲେ ଏବଂ ଟଲଷ୍ଟୟଙ୍କ ଚିଠିକୁ ଇଂରେଜୀରେ ଅନୁବାଦ କରି ଗାନ୍ଧୀଙ୍କ ପାଖକୁ ପଠେଇ ଦେଉଥିଲେ। ଗାନ୍ଧୀଜୀଙ୍କ ସହ ଟାଟିଆନାଙ୍କ ପ୍ରଥମ ସାକ୍ଷାତ ହୋଇଥିଲା ଇଟାଲିର ରାଜଧାନୀ ରୋମରେ, ୧୯୩୧ ମସିହା ଡିସେମ୍ବର ୧ ୩ ତାରିଖରେ। ଛୋଟିଆ ଆପାର୍ଟମେଂଟର ବଖୁରିଆ କୋଠରି ଭିତରେ ଗାନ୍ଧୀଙ୍କୁ ସ୍ୱାଗତ ଜଣାଇ ଟାଟିଆନା କହିଥିଲେ, "ଆପଣଙ୍କୁ ଦେଖିବାକୁ ବହୁ ଦିନରୁ ସୁଯୋଗ ଖୋଜୁଥିଲି। ବାପା ଥିଲେ ଭାରତର ସ୍ୱାଧୀନତା ପାଇଁ ଆପଣଙ୍କର ଅହିଂସ ଆନ୍ଦୋଳନ ଦେଖି ନିଶ୍ଚୟ ଖୁସି ହୋଇଥାଆନ୍ତେ।'' ଗାନ୍ଧୀଜୀ ପ୍ରଶ୍ନ କଲେ, "ଟାଟିଆନା, ମୁଁ ଶୁଣିଥିଲି, ରୋମାଁ ରୋଲାଁଙ୍କ ସହ ତୁମର ଭଲ ବନ୍ଧୁତ୍ୱ ଥିଲା। ଏବେ କେମିତି ? ଟଲଷ୍ଟୟଙ୍କ ପରେ ରୋମାଁ ରୋଲାଁ ହିଁ ୟୁରୋପର ବର୍ତ୍ତମାନର ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ। ସେ ବି ବୟସ୍କ ହୋଇଗଲେଣି। ସମ୍ପର୍କ ରଖିଲେ ଆଶୀର୍ବାଦ ପାଇବ।'' ଟାଟିଆନା ଉତ୍ତର ଦେଲେ, "ମୁଁ ଗତ ଦୁଇ ବର୍ଷ ହେଲା ରୋମାଁ ରୋଲାଁଙ୍କୁ ଆଉ କିଛି ଚିଠି ଦେଇନି। ତାଙ୍କ ପ୍ରତି ମୋର ବହୁତ ଭକ୍ତି ଥିଲା। ମୋ ବାପାଙ୍କ ଉପରେ ସେ ଭଲ ବହିଟିଏ ଲେଖିଛନ୍ତି। ଯୁଦ୍ଧକୁ ସେ ସାହସର ସହ ବିରୋଧ କରିଥିଲେ। କିନ୍ତୁ ଯେତେବେଳେ ସେ ଏବେ ବଲସେଭିଜିମକୁ ସମର୍ଥନ କରି ଲେଖା ଲେଖିଲେ, ମୁଁ ତାକୁ ଗ୍ରହଣ କରି ପାରି ନଥିଲି। ମୁଁ ବଲସେଭିକମାନଙ୍କୁ ସମର୍ଥନ କରେନି। ସେମାନେ ଲକ୍ଷ୍ୟ ହାସଲ ପାଇଁ ବାଟ ଯେତେ ଅପବିତ୍ର ହେଲେବି ତାକୁ ଯଥାର୍ଥ ବୋଲି କହନ୍ତି। ମୁଁ ୟାକୁ ବିରୋଧ କରେ। ଏହା ଯେ ଗାନ୍ଧୀ ଆଦର୍ଶ ନୁହେଁ, ମୁଁ କହେ। ଆପଣ ଯଦି ଚାହାନ୍ତି, ମୁଁ ରୋମାଁ ରୋଲାଁଙ୍କ ପାଖକୁ ପୁଣି ଚିଠି ଦେବି ଏବଂ ପଚାରିଲେ ଆପଣଙ୍କ ନାଁ କହିବି।'' "ଡିଅର ସାର, ନିଷ୍କ୍ରିୟ ପ୍ରତିରୋଧ (ପାସିଭ୍ ରେଜିଷ୍ଟାନ୍ସ) ନେଇ ଆପଣଙ୍କ ଲେଖା ସବୁ ମୁଁ ପଢ଼ିଛି। ଏ ଲେଖା ମୋ ଉପରେ ଅନେକ ପ୍ରଭାବ ପକାଇଛି। "ଗତ ୩ ବର୍ଷ ଧରି ଦକ୍ଷିଣ ଆଫ୍ରିକାର ଟ୍ରାନ୍ସବାହାଲରେ ଥିବା ଆମେ ବ୍ରିଟିସ ଭାରତୀୟମାନେ ସେଠାର ବର୍ଣ୍ଣବୈଷମ୍ୟ ନୀତିକୁ ଆଧାର କରି ତିଆରି ହୋଇଥିବା ଏକ ଅନୁଚିତ ଆଇନ ବିରୁଦ୍ଧରେ ଏକ ଅହିଂସ ଆନ୍ଦୋଳନ କରୁଛୁ। ଟ୍ରାନ୍ସବାହାଲରେ ଥିବା ବ୍ରିଟିସ ଭାରତୀୟଙ୍କ ସଂଖ୍ୟା ଏବେ ତେର ହଜାରରୁ ଅଧିକ। ସେଥିରୁ ପ୍ରାୟ ଅଢ଼େଇ ହଜାର ଭାରତୀୟ ଜେଲ ଯାଇ ସାରିଲେଣି। ଏମାନଙ୍କ ଅଧିକାଂଶ ଗରିବ ଶ୍ରେଣୀର। କୁଲି, ଶ୍ରମିକ, ଛୋଟ ଛୋଟ ବ୍ୟବସାୟ କରି ଏମାନେ ଜୀବିକା ନିର୍ବାହ କରନ୍ତି। ଜେଲ ଯାଉଥିବା ବ୍ୟକ୍ତିଙ୍କ ପରିବାରର ସ୍ତ୍ରୀ ପିଲାଙ୍କୁ ଆମେ ଚାନ୍ଦା ଦେଇ ବଂଚେଇ ରଖିଛୁ। "ଭାରତରେ ଚାଲିଥିବା ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରି ଆପଣ ଲେଖିଥିବା ଏକ ଚିଠି ଭାରତର ଏକ ସ୍ଥାନୀୟ ଖବରକାଗଜ 'ହିନ୍ଦୁ'ରେ ପ୍ରକାଶ ପାଇଛି। ମୋର ବନ୍ଧୁମାନେ ଆପଣଙ୍କ ଲେଖାକୁ ଅନୁବାଦ କରି ଏହାର କୋଡ଼ିଏ ହଜାର କପି ଛାପି ଦକ୍ଷିଣ ଆଫ୍ରିକାରେ ବାଂଟିବାକୁ ଚାହାନ୍ତି। ଆମ ପାଖରେ କିନ୍ତୁ ଆପଣଙ୍କ ଚିଠିର ମୂଳ କପି ନାହିଁ। ପ୍ରକାଶିତ ଆପଣଙ୍କ ଲେଖାକୁ ଛାପି ଦେଲେ କିଛି ଅସୁବିଧା ଅଛି କି ନା, ଆମେ ଜାଣିବାକୁ ଚାହୁଁ।'' ଗାନ୍ଧୀ ତାଙ୍କ ଚିଠିରେ ଟଲଷ୍ଟୟଙ୍କୁ ଲେଖିଥିଲେ, "କୌଣସି 'ଅବତାର ତନ୍ତ୍ର'କୁ ଗ୍ରହଣ ନକରିବାକୁ ଆପଣ ଆପଣଙ୍କ ଲେଖାରେ ପରାମର୍ଶ ଦେଇଛନ୍ତି। ଆମେ ଭାରତୀୟମାନେ କିନ୍ତୁ ଈଶ୍ୱରଙ୍କ ଅବତାର ଉପରେ ବିଶ୍ୱାସ ରଖୁ। ଆପଣ ଯଦି ଅନୁମତି ଦେବେ, ଆପଣଙ୍କ ଚିଠି ପୁନଃ ଛାପିଲା ବେଳେ ସେ 'ଅବତାର' ଶବ୍ଦଟି ବାଦ ଦେଇଦେବୁ।'' ଗାନ୍ଧୀଙ୍କ ଚିଠିର ଶେଷ କଥାଟି ଥିଲା, "ମୁଁ ଆପଣଙ୍କ ପ୍ରତି ଅଜଣା। ଆପଣଙ୍କ ମୂଲ୍ୟବାନ ସମୟ ନଷ୍ଟ ନକରିବା ମୋର କର୍ତ୍ତବ୍ୟ। ମୁଁ କିନ୍ତୁ ଭାବେ, ସତ୍ୟର ଅନ୍ୱେଷଣ କରିବା ପାଇଁ ମୋର ସ୍ୱାଧୀନତା ଅଛି। ଗାନ୍ଧୀଙ୍କ ଚିଠିର ଉତରରେ ଟଲଷ୍ଟୟ ତୁରନ୍ତ ଏକ ଚିଠି ଲେଖି କହିଲେ, "ମିଷ୍ଟର ଗାନ୍ଧୀ, ତୁମ ଚିଠି ପଢ଼ି ମୁଁ ବହୁତ ଆନନ୍ଦ ପାଇଛି। 'ହିନ୍ଦୁ'ରେ ପ୍ରକାଶିତ ଚିଠିଟି ତୁମେ ଛାପିପାର। ଅବତାରବାଦ ନେଇ ମୋ ମତ ଅପରିବର୍ତ୍ତିତ। ଅବତାରଠାରୁ ମୁଁ ଆତ୍ମାକୁ ଗୁରୁତ୍ୱ ଦିଏ। ଅମର ବୋଲି ଗ୍ରହଣ କରେ। ତୁମ ସହିତ ମୁଁ ଅଧିକ ସମ୍ପର୍କ ରଖିଲେ ଖୁସି ହେବି। ତୁମେ ମୋର ଭାଇ। ଶୁଭେଚ୍ଛା ଜଣାଉଛି।'' ଗାନ୍ଧୀ-ଟଲଷ୍ଟୟ ସମ୍ପର୍କର ଏକ ଅମ୍ଳାନ ପ୍ରତୀକ ହେଉଛି 'ଡିଅର ଟଲଷ୍ଟୟ, ୟର୍ସ ଗାନ୍ଧୀ।

ସତ କହୁଛି : ଆମ ପିଲାଦିନର କଥା

ଶ୍ୟାମସୁନ୍ଦର ଅଗ୍ରୱାଲା

ଆମେ ଯେତେବେଳେ ଛୋଟ ଛୋଟ ପିଲା ଥିଲୁ ସେତେବେଳେ ଆମ ଭିତରୁ କିଏ ଯଦି କିଛି ଏପଟ ସେପଟ କାମ କରି ଖସିଯିବାକୁ ଚେଷ୍ଟା କରୁଥିଲା ତେବେ ଆମେ ତାକୁ ଚିଡ଼େଇକି କହୁଥିଲୁ, "ତୁ କିଏ କି ? ତୁ କ'ଣ ଗଭର୍ଣ୍ଣର ?" ଅର୍ଥାତ୍ ଆମେ ପିଲାଦିନେ ଭାବୁଥିଲୁ ଯେ କେବଳ ଗଭର୍ଣ୍ଣରମାନେ ହିଁ ନିଜ ନିଜ ଇଚ୍ଛା ଅନୁଯାୟୀ ସବୁ ଏପଟ ସେପଟ କାମ କରି ଖସିଯାଇପାରିବେ ଆଉ ଆମେ ଚାହିଁକି ବି ତାଙ୍କର କୌଣସି ପ୍ରତିରୋଧ କରିପାରିବୁ ନାହିଁ। ଆଜି ବଡ଼ ହେଲା ପରେ ଦେଖୁଛୁ ଯେ ଆମ ପିଲାଦିନର କଥା ସବୁ ଗୋଟିକ ପରେ ଗୋଟିଏ ସତ ହେବାକୁ ଯାଉଛି। ଆମ ଗଭର୍ଣ୍ଣରମାନଙ୍କର ପୁଅମାନେ ତଳିଆ କର୍ମଚାରୀମାନଙ୍କୁ ଜାବୁଡ଼ା ମାରିପାରୁଛନ୍ତି ଆଉ ବିନା ଦଣ୍ଡରେ ଖସି ବି ଯାଇପାରୁଛନ୍ତି। ଆମ ଗଭର୍ଣ୍ଣରମାନେ ତାଙ୍କର ଶହ ଶହ ବନ୍ଧୁବାନ୍ଧବଙ୍କୁ ଆଣି ଶପଥ ଗ୍ରହଣ ଉତ୍ସବ ଦେଖେଇ ପାରୁଛନ୍ତି ଆଉ ତାଙ୍କର ଆସିବା, ଯିବା ଓ ରହିବା ଖାଇବା କଥା ଆମକୁ ହିଁ ବୁଝିବାକୁ ପଡୁଛି। ଆମ ଗଭର୍ଣ୍ଣରମାନଙ୍କୁ ସ୍ୱାଗତ କରିବା ପାଇଁ ବଡ଼ ବଡ଼ ହୋର୍ଡ଼ିଂ ସବୁ ଲଗାଯାଉଛି ଏବଂ ଏହାର ଖର୍ଚ୍ଚ ଆମ ରାଜକୋଷକୁ ବହନ କରିବାକୁ ପଡୁଛି। ଆମ ଗଭର୍ଣ୍ଣରମାନେ ଦଳୀୟ କାର୍ଯ୍ୟରେ ବ୍ୟସ୍ତ ରହିବେ ବୋଲି କହିପାରୁଛନ୍ତି ଏବଂ ଦଳର ଉତରୋତର ଉନ୍ନତି କରିବାକୁ ଖୋଲାଖୋଲି ଭାବେ ପ୍ରତିଶ୍ରୁତି ମଧ୍ୟ ଦେଇପାରୁଛନ୍ତି। ଏହାର କାରଣ ହେଉଛି ସେମାନେ ହେଲେ ଗଭର୍ଣ୍ଣର ଆଉ ଆମ ପିଲାଦିନର କଥା ସବୁ ସତ ଯେ ସେମାନେ ଯାହା ଇଚ୍ଛା କହିପାରୁଛନ୍ତି ଓ କରିପାରୁଛନ୍ତି। ଆମେ ପିଲାଦିନେ ଏମିତି ଭାବିବାର କାରଣ ହେଲା ଯେ ଆମେ ଆମ ବାପାମାନଙ୍କଠାରୁ ବ୍ରିଟିସ ରାଜର ଅନେକ ଗଭର୍ଣ୍ଣରମାନଙ୍କର ଦୌରାତ୍ମ୍ୟ ବିଷୟରେ ଶୁଣିବାକୁ ପାଉଥିଲୁ। ଏମାନେ ସବୁ ରାଜ୍ୟମାନଙ୍କରେ ଅଖଣ୍ଡ କ୍ଷମତାର ଅଧିକାରୀ ଥିଲେ। ବ୍ରିଟିସ ସରକାରଙ୍କର ସ୍ୱାର୍ଥ ରକ୍ଷା କରିବାକୁ ଯାଇ ଏମାନେ ଯାହାକୁ ଇଚ୍ଛା ତାହାକୁ ଗିରଫ କରି ଜେଲରେ ଭର୍ତି କରିଦେଉଥିଲେ ଏବଂ ଏମାନଙ୍କୁ ପ୍ରଶ୍ନ କରିବାକୁ କେହି ନ ଥିଲେ। ଭାରତବର୍ଷରେ ଗଭର୍ଣ୍ଣର ଜେନେରାଲ ଏମାନଙ୍କୁ ସିଧାସଳଖ ନିଯୁକ୍ତି ଦେଉଥିଲେ ଏବଂ ଏମାନଙ୍କ ମାଧ୍ୟମରେ ସେ ବ୍ରିଟିସ ସାମ୍ରାଜ୍ୟର ଶାସନ ଚଳାଉଥିଲେ। ଦେଶ ସ୍ୱାଧୀନ ହେଲା। ଏହି ପଦବି ନେଇ ସଂବିଧାନ ସଭାରେ ଘମାଘୋଟ ଆଲୋଚନା ହେଲା। ବରିଷ୍ଠ ଶିକ୍ଷାବିତ୍ ଓ କଂଗ୍ରେସ ସଦସ୍ୟ ଏସ.ଏନ. ସହାୟ ଏହି ପଦବି ଭବିଷ୍ୟତରେ କିଭଳି କେନ୍ଦ୍ରଶାସିତ ସରକାରଙ୍କ ଦ୍ୱାରା ଅପବ୍ୟବହାରର ଶିକାର ହେବ ତାହା ଦର୍ଶାଇଥିଲେ ଏବଂ ଏହାର ପ୍ରତିକାର ରଖିବାର ବ୍ୟବସ୍ଥା ଉପରେ ଯୁକ୍ତି ବାଢ଼ିଥିଲେ। ପଣ୍ଡିତ ନେହରୁ ଓ ଡକ୍ଟର ଆମ୍ବେଦକର ତାଙ୍କ ସହିତ ଏକମତ ନ ହୋଇ ଏହି ପଦବିରେ କେବଳ ଜ୍ଞାନୀ, ଗୁଣୀ ଓ ବିଦ୍ୱାନ୍ ବ୍ୟକ୍ତିମାନେ ଅଧିଷ୍ଠିତ ହେବେ, ଯେଉଁମାନେ ସଂକୀର୍ଣ୍ଣ ରାଜନୀତିରୁ ଊର୍ଦ୍ଧ୍ୱରେ ରହି କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏମାନଙ୍କ ପ୍ରତିଶ୍ରୁତି ପରେ କେ.ଏମ. ମୁନସୀ ଓ କୃଷ୍ଣମାଚାରୀ ମହାଶୟ ଏହାକୁ ସମର୍ଥନ କରି ଏହି ବିଷୟର ଆଲୋଚନାକୁ ସମାପ୍ତ କରିବାକୁ ଘୋଷଣା କରିଥିଲେ। ବିଡ଼ମ୍ବନାର ବିଷୟ ଯେ ଉଣେଇଶ ଶହ ଅଣଷଠି ମସିହାରେ ସର୍ବପ୍ରଥମେ ଏହି ପଦବିକୁ ପଣ୍ଡିତ ନେହରୁ ଅପବ୍ୟବହାର କରି ସେତେବେଳର କେରଳ ରାଜ୍ୟର ନିର୍ବାଚିତ କମ୍ୟୁନିଷ୍ଟ ସରକାରଙ୍କୁ ବରଖାସ୍ତ କରିଦେଇଥିଲେ। ଇନ୍ଦିରା ଗାନ୍ଧୀଙ୍କ ସମୟରେ ଏହା ପ୍ରାୟ ଚାଳିଶରୁ ପଚାଶ ଥର ଅପବ୍ୟବହୃତ ହୋଇ ରାଜ୍ୟର ନିର୍ବାଚିତ ସରକାରମାନଙ୍କୁ ବରଖାସ୍ତ କରିବାକୁ ଅଭିଯୋଗ ଆସିଥିଲା। ତେଣିକି ଏହି ପଦବି ଯେତିକି ବ୍ୟବହୃତ ହେଲା ତା'ଠାରୁ ଯଥେଷ୍ଟ ଅଧିକ ଅପବ୍ୟବହୃତ ହେବାରେ ଲାଗିଲା। ଆଜି ଏହି ପଦବିରେ ଅଧିଷ୍ଠିତ ବ୍ୟକ୍ତିମାନଙ୍କୁ ଦେଖିଲେ ପଣ୍ଡିତ ଜବାହରଲାଲ ନେହରୁ ଓ ଡକ୍ଟର ଆମ୍ବେଦକରଙ୍କ ପ୍ରତିଶ୍ରୁତି ସବୁ ମନେ ପଡ଼ି ଦୁଃଖ ଲାଗୁଛି। ବନ୍ଧୁଗଣ, ଗଭର୍ଣ୍ଣର ଏକ ସାଂବିଧାନିକ ପଦ, ଯିଏ କି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏକ ସେତୁବନ୍ଧ ଭାବେ କାର୍ଯ୍ୟ କରିଥାନ୍ତି। ସେ ରାଜ୍ୟର ଏକ ନମ୍ବର ନାଗରିକ, ଯାହାଙ୍କ ନାମରେ କୌଣସି ଫୌଜଦାରୀ ମକଦ୍ଦମା ଦାୟର କରାଯାଇପାରିବ ନାହିଁ କି ତାଙ୍କୁ ଗିରଫ କିମ୍ୱା ବନ୍ଦୀ କରାଯାଇପାରିବ ନାହିଁ। ଏ ସବୁ ସତ୍ତ୍ୱେ ସେ ନାମକୁ ମାତ୍ର ମୁଖ୍ୟ ଅଟନ୍ତି ଯିଏ ସଂବିଧାନର ମର୍ଯ୍ୟାଦା ରକ୍ଷା କରିଥାନ୍ତି ଏବଂ ନିଜ ଇଚ୍ଛା ଅନୁସାରେ କୌଣସି କାର୍ଯ୍ୟ କରି ନଥାନ୍ତି। ଦୁଃଖ ଲାଗେ ଯେ ଆଜିକାଲି ଗଭର୍ଣ୍ଣରମାନେ ସଂବିଧାନକୁ ହତାଦର କରି ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରୁଛନ୍ତି ଆଉ ପ୍ରଶ୍ନ କଲେ କୌଣସି ଉତ୍ତର ମଧ୍ୟ ଦେଉନାହାନ୍ତି। ସଂବିଧାନ ବିଶେଷଜ୍ଞମାନେ ମଧ୍ୟ ଏହା ତାଙ୍କ ଇଚ୍ଛାଧୀନ ବ୍ୟାପାର ବୋଲି ସୁପ୍ରିମ କୋର୍ଟରେ ସେମାନଙ୍କ ସପକ୍ଷରେ ଯୁକ୍ତି ରଖୁଛନ୍ତି। ଏହା ଉପରେ କାହାଣୀଟିଏ କହୁଛି। ଥରେ ଜଙ୍ଗଲର ସଂବିଧାନକୁ ନେଇ ଦୁଇଜଣ ବିଦ୍ୱାନ୍ ଯୁକ୍ତିତର୍କ କରୁଥିଲେ। ଜଣେ କହୁଥିଲେ, "ସଂବିଧାନ ଅନୁଯାୟୀ ସିଂହୀ ଛୁଆ ଦେଇଥାଏ।" ଏହାକୁ ଗ୍ରହଣ ନ କରି ଅନ୍ୟ ଜଣେ କହୁଥିଲେ, "ନାହିଁ, ସଂବିଧାନ ଅନୁଯାୟୀ ସିଂହୀ ଅଣ୍ଡା ଦେଇଥାଏ।" ଏହି ସମୟରେ ଜଣେ ସଂବିଧାନ ବିଶେଷଜ୍ଞ ସେଇ ବାଟ ଦେଇ ଯାଉଥିଲେ। ବିଦ୍ୱାନ୍ ଦୁଇଜଣ ତାଙ୍କ ମତ ଜାଣିବାକୁ ଚାହିଲେ। ବିଶେଷଜ୍ଞ କହିଲେ, "ସିଂହୀ ହେଉଛି ଜଙ୍ଗଲର ଗଭର୍ଣ୍ଣର। ଛୁଆ ଦେବ କି ଅଣ୍ଡା ଦେବ ତା'ର ଇଚ୍ଛାଧୀନ ବ୍ୟାପାର। ତା'ର ଇଚ୍ଛା ହେଲେ ଛୁଆ ଦେବ, ଇଚ୍ଛା ହେଲେ ଅଣ୍ଡା ଦେବ। ତୁମେ ଦୁଇଜଣ ତାକୁ ପ୍ରଶ୍ନ କରିବାକୁ କିଏ ?"

ପ୍ରକୃତ ମୁକାବିଲା

ଏକ କଠିନ ବାସ୍ତବତା ହେଲା, ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ଘଟାଇବାକୁ ଆଗଭର ହେଲେ ମଧ୍ୟ ଭାରତକୁ ଚୀନ ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ; କାରଣ ଏଠାରେ ଉତ୍ପାଦିତ ହେଉଥିବା ଆଇଫୋନ ବା ଇଲେକ୍ଟ୍ରିକ ଭେଇକଲ ସକାଶେ ଅତ୍ୟାବଶ୍ୟକ ଯନ୍ତ୍ରାଂଶ କିମ୍ୱା ଔଷଧ ଉତ୍ପାଦନ ସକାଶେ ଲୋଡ଼ା ମୂଳ ଉପାଦାନ ଲାଗି ଚୀନର ଯୋଗାଣ ହିଁ ଏକମାତ୍ର ମାଧ୍ୟମ। ଏହା ମଧ୍ୟ ସତ ଯେ ପୃଥିବୀର ଅନତିକ୍ରମ୍ୟ ଉତ୍ପାଦନ ଓ ଯୋଗାଣ କେନ୍ଦ୍ର ରୂପେ ଚୀନ, କେବଳ ଭାରତକୁ ନୁହେଁ, ପ୍ରାୟ ସମସ୍ତ ଦେଶକୁ ଏକ ପ୍ରକାର ଅସହାୟତା ମଧ୍ୟକୁ ଠେଲି ଦେଇଥାଏ। ଏଭଳି ସ୍ଥିତିରେ ମୁକ୍ତିର ଏକମାତ୍ର ବାଟ ହେଉଛି ଯନ୍ତ୍ରାଂଶ, କଚାଂମାଲ ଓ ମୂଳ ଉପାଦାନ ଉତ୍ପାଦନ କ୍ଷେତ୍ରରେ ନିଜସ୍ୱ ସାମର୍ଥ୍ୟ ଲାଭ। ନିକଟରେ ଏକ ସମାବେଶରେ ଉଦ୍ ?ବୋଧନ ଦେଉଥିବା ସମୟରେ 'ଆଇ.ଟି.ବି.ପି.' (ଇଣ୍ଡୋ ତିବେତାନ ବର୍ଡର ପୁଲିସ)ର ମୁଖ୍ୟ('ଡାଇରେକ୍ଟର ଜେନେରାଲ' ବା ଡି.ଜି.) ଶତ୍ରୁଜିତ ସିଂହ କପୁରଙ୍କ ଯେଉଁ ଏକ ବକ୍ତବ୍ୟ ଲୋକକ୍ଷେତ୍ରରେ ଉଦ୍‌ବେଗ ସୃଷ୍ଟି କରିଛି, ତାହା ହେଲା, ଗଲା ଜୁଲାଇ ମାସଠାରୁ ଅରୁଣାଚଳ ପ୍ରଦେଶଠାରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲ.ଏ.ସି.) ନିକଟରେ ଚୀନ ଓ ଭାରତୀୟ ସୁରକ୍ଷା ବାହିନୀ ଅନେକ ବାର ମୁହାଁମୁହିଁ ସ୍ଥିତିକୁ ଆସିଲେଣି। କହିବା ବାହୁଲ୍ୟ, ସମୁଦ୍ର ପତନଠାରୁ ୧୦ ହଜାରରୁ ୧୮ ହଜାର ଫୁଟ ଉଚ୍ଚତାରେ, ହିମାଳୟର ଘନ ବରଫାବୃତ ଏହି ଅଂଚଳରେ ପରମ ଶାନ୍ତି ବିରାଜମାନ କରୁଛି ବୋଲି ସମତଳ ଅଂଚଳରେ ଆପଣା ଆପଣା କାରବାରରେ ନିମଗ୍ନ ଭାରତୀୟମାନଙ୍କ ସୁଖପ୍ରଦ ଧାରଣା ଏହା ଦ୍ୱାରା ସତେ ଯେମିତି ଭାଙ୍ଗିରୁଜି ଯାଇଛି; ଯାହା ଉଦ୍‌ବେଗର କାରଣ। ତେବେ, ଏଭଳି ସ୍ଥିତିରେ ଉଦ୍‌ବେଗ ଓ ତାତ୍କାଳିକ ଅବେଗକୁ ଅତିକ୍ରମ କରି ପ୍ରକୃତ ବାସ୍ତବତାକୁ ହୃଦୟଙ୍ଗମ କରିବା ବିଜ୍ଞତାର ପରିଚାୟକ ବୋଲି ମନେ ହୋଇଥାଏ। ଏଥିରେ ଦ୍ୱିରୁକ୍ତି ନାହିଁ ଯେ ୨୦୨୦ ମସିହାରେ, ପୂର୍ବ ଲଦାଖର ଗଲୱାନଠାରେ, ଚୀନ ଓ ଭାରତୀୟ ସୀମା ସୁରକ୍ଷା ବାହିନୀ ମଧ୍ୟରେ ସଂଘର୍ଷ, ପ୍ରାଣପାତ ଏବଂ ବର୍ଷାଧିକ କାଳ ଉଭୟ ପକ୍ଷ, ଡୋଳାରେ ଡୋଳାକୁ ମିଶାଇ ଛିଡ଼ା ହୋଇ ରହିବା ଭଳି ଘଟଣାକ୍ରମ ଜନିତ ଅପ୍ରୀତିକର ସ୍ମୃତି ହେତୁ ଏଭଳି ବକ୍ତବ୍ୟରେ ଅଧିକାଂଶ ଭାରତୀୟ ଉଦ୍‌ବିଗ୍ନ ହୋଇ ଉଠିବା ସ୍ୱାଭାବିକ। ହେଲେ, ସୀମା ସୁରକ୍ଷା ନେଇ ଅଭିଜ୍ଞତାଧାରୀମାନଙ୍କ ମତରେ ଏଭଳି 'ଫେସ ଅଫ' ବା 'ମୁହାଁମୁହିଁ' ହେବା ଭଳି ସ୍ଥିତି ଅନେକ ସମୟରେ ଉପୁଜିଥାଏ, ଯଦିଓ ତାହା ପ୍ରାୟତଃ କେ ?ଣସି ସଂଘର୍ଷର ରୂପ ନେଇ ନ ଥାଏ; ଏବଂ ଉତେଜନା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହେଲେ, ଆଲୋଚନା ମାଧ୍ୟମରେ, ଉଭୟ ସୁରକ୍ଷା ବାହିନୀର କମାଣ୍ଡରମାନେ ସମାଧାନର ମାର୍ଗ ବାହାର କରନ୍ତି। କିନ୍ତୁ, ବାସ୍ତବତା ସହିତ ଅପରିଚିତ, ସମତଳରେ ବସବାସ କରୁଥିବା, ଭାରତୀୟମାନଙ୍କ ମଧ୍ୟରେ କୌଣସି 'ଫେସ ଅଫ' ବା 'ମୁହାଁମୁହିଁ' ସ୍ଥିତିର ଇଙ୍ଗିତରୁ ଉଦ୍‌ବେଗ ସୃଷ୍ଟି ହେବା ସ୍ୱାଭାବିକ ଏବଂ ଏଭଳି ଧାରଣା ଜନ୍ମିବା ଅବାନ୍ତର ନୁହେଁ ଯେ ସରକାର, ଭାରତ-ଚୀନ ସୀମା ବିବାଦ ବ୍ୟାପାରରେ, ଗୋପନୀୟତା ଅବଲମ୍ବନ କରୁଛନ୍ତି ! ଅବଶ୍ୟ, ଇତି ମଧ୍ୟରେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ବନ୍ଧରେ ସ୍ପଷ୍ଟୀକରଣ ଦିଆ ଯାଇ ସାରିଲାଣି ଯେ ଏଲ.ଏ.ସି.ଠାରେ ଚୀନ ଦ୍ୱାରା କରାଯାଉଥିବା ଶୃଙ୍ଖଳା ଭଙ୍ଗ ପରିପ୍ରେକ୍ଷୀରେ 'ଆଇ.ଟି.ବି.ପି.' କିଭଳି ସଦା ପ୍ରସ୍ତୁତ ରହିଥାଏ, ତାହା ହିଁ ଡି.ଜି.ଙ୍କ ବକ୍ତବ୍ୟରେ ପ୍ରକାଶିତ, ଯହିଁରେ ଉଦ୍‌ବିଗ୍ନ ହେବା କେ ?ଣସି କାରଣ ନାହିଁ। ଉଲ୍ଲେଖଯୋଗ୍ୟ ଯେ ଆଜିକୁ ଠିକ୍ ଚଉଷଠି ବର୍ଷ ତଳେ (୧୯୬୨ ମସିହା, ଅକ୍ଟୋବର ୨୪ ତାରିଖରେ), ଭାରତ ଓ ଚୀନ ମଧ୍ୟରେ ସଂଘଟିତ ଯୁଦ୍ଧ ପରେ ପରେ, ଅତି ତରବରିଆ ଭାବରେ ମାତ୍ର ତିନି ବାଟାଲିଅନ ବିଶିଷ୍ଟ 'ଆଇ.ଟି.ବି.ପି.'ର ଗଠନ କରାଯାଇଥିଲା, ଯହିଁରେ ଏକମାତ୍ର ଲକ୍ଷ୍ୟ ଥିଲା ଭାରତ-ଚୀନ ସୀମାରେ ମୁତୟନ ହେବା ସକାଶେ ଏକ ସୁଦକ୍ଷ ପ୍ରହରୀ ବାହିନୀର ସୃଷ୍ଟି। ସଂପ୍ରତି ୬୪ ବାଟାଲିଅନରେ କାର୍ଯ୍ୟରତ ପ୍ରାୟ ଏକ ଲକ୍ଷ (୯୪ ହଜାର) ସଂଖ୍ୟକ ଉଚ୍ଚ ପ୍ରଶିକ୍ଷିତ କମାଣ୍ଡୋ ସଂବଳିତ ଆଇ.ଟି.ବି.ପି., ୩,୪୮୮ କିଲୋମିଟର ଦୀର୍ଘ ଏଲ.ଏ.ସି.ଠାରେ ଅହୋରାତ୍ର ଉପସ୍ଥିତ ଏବଂ ଜାଗ୍ରତ। ସେହି ଦୃଷ୍ଟିରୁ ଆଇ.ଟି.ବି.ପି.ର କାହାଣୀ ଅଭିନବ ସଫଳତାର ଦୃଷ୍ଟାନ୍ତ ହୋଇଥିଲେ ହେଁ ସେହି ଦିନ ଡି.ଜି.ଙ୍କ ବକ୍ତବ୍ୟରେ ଯେଉଁ ପ୍ରସଙ୍ଗ ଧ୍ୟାନ ଆକର୍ଷଣ କଲା ଭଳି ହୋଇଥାଏ, ତାହା ହେଲା ଆଇ.ଟି.ବି.ପି. ସକାଶେ ଅତ୍ୟାଧୁନିକ ଡ୍ରୋନ ଓ ଆଣ୍ଟି-ଡ୍ରୋନ ପ୍ରଯୁକ୍ତିର ଉପଲବ୍ଧତା, ତାହାର ବ୍ୟବହାର ନେଇ ସମୁଚିତ ପ୍ରଶିକ୍ଷଣ ଓ ପରିଚାଳନାଗତ ସାମର୍ଥ୍ୟରେ ବୃଦ୍ଧି। କହିବା ବାହୁଲ୍ୟ ଯେ ଏଲ.ଏ.ସି. ନିକଟରେ ଚୀନର ପ୍ରସ୍ତୁତି ଅତ୍ୟନ୍ତ ଉଚ୍ଚକୋଟୀର ଏବଂ ସୀମା ବିବାଦକୁ ଜ୍ୱଳନ୍ତ ରଖି ଭାରତକୁ ଅସ୍ଥିର କରି ରଖିବା ଚୀନର ଏକ ସୁପରିଚିତ ରଣକୌଶଳ ଓ ଅଭିସନ୍ଧି ହୋଇଥାଏ। ସୁତରାଂ, ଆଇ.ଟି.ବି.ପି.ର ଡି.ଜି.ଙ୍କ ଆଗ୍ରହ ସଂପୂର୍ଣ୍ଣ ଯୁକ୍ତିଯୁକ୍ତ, ଯଦ୍ଦ୍ୱାରା, ଚୀନ ଓ ଭାରତ ମଧ୍ୟରେ ରହିଥିବା ସାମର୍ଥ୍ୟଗତ ବ୍ୟବଧାନକୁ ହ୍ରାସ କରାଯାଇପାରିବ। ତେବେ, ଏଭଳି ସଂଦର୍ଭରେ ଏକ ପରିଚିତ ଅଭିଯୋଗର ସ୍ୱର ଉଠିଥାଏ ଯେ ଚୀନ ସହିତ ସଂପର୍କ କ୍ଷେତ୍ରରେ ସରକାର କଠୋରତା ଅବଲମ୍ବନ କରିବାକୁ ଅନିଚ୍ଛୁକ କାହିଁକି ? ତାହା ହୋଇ ନ ଥିଲେ ଚୀନଠାରୁ କରାଯାଉଥିବା ଆମଦାନିରେ କ୍ରମାଗତ ବୃଦ୍ଧି ବା ସିଧାସଳଖ ପୁଞ୍ଜି ଲଗାଣ ଲାଗି ଚୀନୀୟ କଂପାନିଗୁଡ଼ିକୁ ସର୍ତ୍ତମୂଳକ ଅନୁମତି ପ୍ରଦାନ ବା ଦୀର୍ଘ ପାଚଂ ବର୍ଷର ରହିତାଦେଶ ପରେ, ଗଲା ବର୍ଷ ଅକ୍ଟୋବର ୨୬ ତାରିଖରେ, ଚୀନ ସହିତ ବିମାନ ଚଳାଚଳର ପୁନର୍ବାହଲ ଇତ୍ୟାଦି ଘଟନ୍ତା ନାହିଁ। କିନ୍ତୁ, ଏକ କଠିନ ବାସ୍ତବତା ହେଲା, ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ଘଟାଇବାକୁ ଆଗଭର ହେଲେ ମଧ୍ୟ ଭାରତକୁ ଚୀନ ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ; କାରଣ ଏଠାରେ ଉତ୍ପାଦିତ ହେଉଥିବା ଆଇଫୋନ ବା ଇଲେକ୍ଟ୍ରିକ ଭେଇକଲ ସକାଶେ ଅତ୍ୟାବଶ୍ୟକ ଯନ୍ତ୍ରାଂଶ କିମ୍ୱା ଔଷଧ ଉତ୍ପାଦନ ସକାଶେ ଲୋଡ଼ା ମୂଳ ଉପାଦାନ ଲାଗି ଚୀନର ଯୋଗାଣ ହିଁ ଏକମାତ୍ର ମାଧ୍ୟମ। ଏହା ମଧ୍ୟ ସତ ଯେ ପୃଥିବୀର ଅନତିକ୍ରମ୍ୟ ଉତ୍ପାଦନ ଓ ଯୋଗାଣ କେନ୍ଦ୍ର ରୂପେ ଚୀନ, କେବଳ ଭାରତକୁ ନୁହେଁ, ପ୍ରାୟ ସମସ୍ତ ଦେଶକୁ ଏକ ପ୍ରକାର ଅସହାୟତା ମଧ୍ୟକୁ ଠେଲି ଦେଇଥାଏ। ଏଭଳି ସ୍ଥିତିରେ ମୁକ୍ତିର ଏକମାତ୍ର ବାଟ ହେଉଛି ଯନ୍ତ୍ରାଂଶ, କଚାଂମାଲ ଓ ମୂଳ ଉପାଦାନ ଉତ୍ପାଦନ କ୍ଷେତ୍ରରେ ନିଜସ୍ୱ ସାମର୍ଥ୍ୟ ଲାଭ। ଅବଶ୍ୟ, ଇତିମଧ୍ୟରେ, ଏଲ.ଏ.ସି. ନିକଟରେ, ଭାରତ ପକ୍ଷରୁ ଭିତ୍ତିଭୂମିଗତ ବିକାଶ କ୍ଷେତ୍ରରେ ଆଖିଦୃଶିଆ ଉନ୍ନତି ସାଧନ କରାଗଲାଣି। ଯୁଦ୍ଧ, ସଂଘର୍ଷ ଓ ପଇଁତରା ଲାଗି ଆବଶ୍ୟକ 'ଡ୍ରୋନ' ଓ 'ଆଣ୍ଟି ଡ୍ରୋନ' ପ୍ରଯୁକ୍ତିର ବିକାଶ ଓ ଉତ୍ପାଦନ ଦିଗରେ ସଘନ ଉଦ୍ୟମ ଆରମ୍ଭ ହୋଇଯାଇଛି, ଯାହାର ପ୍ରମାଣ ହେଲା ଏ କ୍ଷେତ୍ରରେ ପ୍ରାୟ ୨ ବିଲିଅନ ଡଲାର ପରିମାଣର ବିପୁଳ ପୁଞ୍ଜି ଲଗାଣର ଲକ୍ଷ୍ୟ। କହିବାର ତାତ୍ପର୍ଯ୍ୟ ହେଲା, ଦୃଢ଼ ହୋଇ ଛିଡ଼ା ହେବା ଲାଗି ଭାରତ ପକ୍ଷରୁ ଉଦ୍ୟମ ଆରମ୍ଭ ହେଲାଣି, ଯାହା ପୂର୍ବରୁ ଅବଲମ୍ବନକୁ ଦୂରେଇ ଦେବା କେବଳ ଅବିମୃଶ୍ୟକାରିତା ହିଁ ହେବ। ଏଥିରେ ଦ୍ୱିମତ ନାହିଁ ଯେ ଚୀନ ସର୍ବଦା ଭାରତକୁ ଖର୍ବକାୟ କରି ରଖିବାକୁ ଚାହେଁ, କାରଣ ଏକମାତ୍ର ଏସୀୟ ରାଷ୍ଟ୍ର ରୂପେ ଚୀନର ପ୍ରାଧାନ୍ୟକୁ ଆହ୍ୱାନ ଦେବାକୁ ଯେ ଭାରତ ସମର୍ଥ, ସେ ନେଇ ଚୀନ ସୁନିଶ୍ଚିତ। ଚୀନର ଏକ ବିକଳ ମାନସିକତାର ଉଦାହରଣ ମିଳିଥାଏ ଏଥିରୁ ଯେ ପର୍ବତରେ ସୁଡ଼ଙ୍ଗ ଖୋଳିବା ଲାଗି ଆବଶ୍ୟକ ଭାରୀ ଯନ୍ତ୍ରପାତିର ଭାରତ ରପ୍ତାନି ଉପରେ ଚୀନ ପକ୍ଷରୁ କଟକଣା ଲଗାଯାଇଛି। ଏହାର କାରଣ, ହିମାଳୟରେ ସୁଡ଼ଙ୍ଗ ଖନନ କରି ଭିତ୍ତିଭୂମିଗତ ବିକାଶ ହାସଲରେ ଭାରତର ଅଗ୍ରଗତିକୁ ବାଧା ଦେବା। ଉଲ୍ଲେଖଯୋଗ୍ୟ ଯେ ଜର୍ମାନିର ମୂଳ କଂପାନି 'ହେରେନ୍ ?କେ ?ନକ୍ ?ଟ' ସଂପ୍ରତି ଚୀନରେ କାରଖାନା ବସାଇ ତାହା ଉତ୍ପାଦନ କରୁଛି। ଏଭଳି ସ୍ଥିତିରେ, 'ହେରେନ୍‌କନେକ୍ଟ' ସହିତ ରାଜିନାମା କରାଯାଇ ଭାରତରେ କାରଖାନା ସ୍ଥାପନ ସକାଶେ ସରକାରଙ୍କ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇସାରିଲାଣି। କହିବା ଅନାବଶ୍ୟକ ଯେ ଏହା ହିଁ ହେଉଛି ଯଥାର୍ଥ ମୁକାବିଲାର ଉଦାହରଣ। ଆଇ.ଟି.ବି.ପି.ର ଡି.ଜି. ଶତ୍ରୁଜିତ ସିଂହ କପୁର, ସେହି ବକ୍ତବ୍ୟରେ, ଯେଉଁ ସାମର୍ଥ୍ୟ ହାସଲ ସକାଶେ ଆଗ୍ରହ ପ୍ରକାଶ କରିଛନ୍ତି, ତାହା ପ୍ରକାରାନ୍ତରେ ଭାରତକୁ ନିର୍ମାଣ କ୍ଷେତ୍ରରେ ଦୃଢ଼ ପେଶୀବନ୍ତ କରିବ ଏବଂ ତାହା ହିଁ ହେବ ଚୀନ ସହିତ ପ୍ରକୃତ ମୁକାବିଲାର ରୂପରେଖ।

ଡିଜିଟାଲ୍ ଭିତିଭୂମି

ଜଟଣୀ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଧୁନିକ ତଥ୍ୟ କେନ୍ଦ୍ରର ଉଦ୍‌ଘାଟଟ ହୋଇଛି। ଓଡ଼ିଶାକୁ ଡିଜିଟାଲ୍ ଭିତ୍ତିଭୂମିର ନୂତନ ମାନଚିତ୍ରରେ ଆହୁରି ଗୁରୁତ୍ୱ ଦେବାର ସମ୍ଭାବନା ସୃଷ୍ଟି କରୁଛି। ଏହି ପ୍ରତିଷ୍ଠାନ ଆର୍ଥିକ ତଥ୍ୟର ସୁରକ୍ଷା, ଦେୟ ବ୍ୟବସ୍ଥାର ନିରନ୍ତରତା, ବିପର୍ଯ୍ୟୟ ପରବର୍ତ୍ତୀ ତଥ୍ୟ ପୁନରୁଦ୍ଧାର ଓ ସାଇବର ସୁରକ୍ଷା କ୍ଷେତ୍ରରେ ଉପଯୋଗୀ ହେବାର ଆଶା ରହିଛି। କିନ୍ତୁ ଏହି ଗସ୍ତର ମହତ୍ତ୍ୱକୁ କେବଳ ଗୋଟିଏ ପ୍ରତିଷ୍ଠାନର ଉଦ୍‌ଘାଟନ ମଧ୍ୟରେ ସୀମିତ ରଖିବା ଠିକ୍ ହେବ ନାହିଁ। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ଶିଳ୍ପ, ରେଳପଥ, ସେମିକଣ୍ଡକ୍ଟର, ଡିଜିଟାଲ୍ ପ୍ରଯୁକ୍ତି ଓ ନିବେଶକୁ ନେଇ ଯେଉଁ ନୂତନ ଆଲୋଚନା ଆଗକୁ ବଢ଼ିଛି, ତାହାକୁ ଏକ ବ୍ୟାପକ ଜାତୀୟ ବିକାଶ ଦୃଷ୍ଟିକୋଣରେ ବୁଝିବା ଆବଶ୍ୟକ। ଓଡ଼ିଶା ଆଉ କେବଳ ଖଣିଜ ସମ୍ପଦ ଓ ଇସ୍ପାତ ଶିଳ୍ପ ପାଇଁ ପରିଚିତ ରାଜ୍ୟ ହୋଇ ରହିବାକୁ ଚାହୁଁନାହିଁ; ଏହା ପ୍ରଯୁକ୍ତି, ଜ୍ଞାନ, ନବସୃଜନ ଓ ଉଚ୍ଚଦକ୍ଷତାଭିତ୍ତିକ ନିଯୁକ୍ତିର କେନ୍ଦ୍ର ହେବାକୁ ମଧ୍ୟ ଆକାଂକ୍ଷା ରଖିଛି। ଏହି ପରିବର୍ତ୍ତନରେ କେନ୍ଦ୍ର ସରକାରଙ୍କ ନୀତି, ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଓ ଘରୋଇ ନିବେଶକଙ୍କ ଆଗ୍ରହ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଜରୁରୀ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଚିନ୍ତାଧାରାର ମୂଳ ଲକ୍ଷ୍ୟ ହେଉଛି ପୂର୍ବ ଭାରତର ଆର୍ଥିକ ସାମର୍ଥ୍ୟକୁ ଜାତୀୟ ବିକାଶର ମୁଖ୍ୟଧାରାରେ ଆହୁରି ଶକ୍ତିଶାଳୀ କରିବା। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଭୌଗୋଳିକ ଅବସ୍ଥିତି, ଦୀର୍ଘ ସମୁଦ୍ରତଟ, ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର, ଖଣିଜ ସମ୍ପଦ, ଶକ୍ତି ଉତ୍ପାଦନ କ୍ଷମତା ଓ ଦକ୍ଷ ମାନବସମ୍ବଳ ଏହାକୁ ଏକ ସମ୍ଭାବନାମୟ ଶିଳ୍ପ କେନ୍ଦ୍ରରେ ପରିଣତ କରିବାର ଭିତ୍ତି ଯୋଗାଉଛି। ଭାରତର ପୂର୍ବାଭିମୁଖୀ ନୀତି ସହିତ ଓଡ଼ିଶାର ସାମର୍ଥ୍ୟକୁ ଯୋଡ଼ିବା ଦ୍ୱାରା ଦକ୍ଷିଣ-ପୂର୍ବ ଏସିଆ ସହିତ ବାଣିଜ୍ୟ, ସାମୁଦ୍ରିକ ସଂଯୋଗ, ରପ୍ତାନି ଓ ଶିଳ୍ପ ସହଯୋଗର ନୂଆ ସୁଯୋଗ ସୃଷ୍ଟି ହୋଇପାରେ। ଏହି ନୀତିର ସଫଳତା କେବଳ ଘୋଷଣାରେ ନୁହେଁ, ବରଂ ବନ୍ଦରରୁ ଶିଳ୍ପାଂଚଳକୁ ଦ୍ରୁତ ପରିବହନ, ରେଳ ଓ ସଡ଼କ ସଂଯୋଗର ଉନ୍ନତି, ରପ୍ତାନି ଖର୍ଚ୍ଚ ହ୍ରାସ ଏବଂ ସ୍ଥାନୀୟ ଉଦ୍‌ଯୋଗୀଙ୍କୁ ଆନ୍ତର୍ଜାତୀୟ ବଜାର ସହିତ ଯୋଡ଼ିବା ଉପରେ ନିର୍ଭର କରିବ। ଓଡ଼ିଶା ପାଇଁ ଏବେ ସବୁଠାରୁ ବଡ଼ ସୁଯୋଗ ହେଉଛି ପ୍ରାକୃତିକ ସମ୍ପଦକୁ ଉଚ୍ଚମୂଲ୍ୟଯୁକ୍ତ ଉତ୍ପାଦରେ ପରିଣତ କରିବା। କେବଳ ଖଣିଜ ଉତୋଳନ ନୁହେଁ, ଏହାର ଆଧାରରେ ଉନ୍ନତ ଉତ୍ପାଦନ, ଗବେଷଣା, ପ୍ରଯୁକ୍ତି ଓ ନୂତନ ଶିଳ୍ପ ଗଢ଼ିଉଠିଲେ ରାଜ୍ୟର ଅର୍ଥନୀତି ଅଧିକ ସ୍ଥାୟୀ ହେବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ଉଦୀୟମାନ ପଦକ୍ଷେପ ଏହି ଦିଗରେ ଏକ ଆଶାଜନକ ସଙ୍କେତ। ନାରାଜ ଅଂଚଳରେ ପ୍ରସ୍ତାବିତ ଓଡ଼ିଶା ସିଲିକନ୍ ଭ୍ୟାଲି ଓ ଭୁବନେଶ୍ୱରର ଇନଫୋ ଭ୍ୟାଲି ଅଂଚଳରେ ଉନ୍ନତ ଚିପ୍ ପ୍ୟାକେଜିଂ ପ୍ରକଳ୍ପ ଭଳି ପଦକ୍ଷେପ ରାଜ୍ୟକୁ ଭବିଷ୍ୟତର ପ୍ରଯୁକ୍ତି ଶିଳ୍ପ ସହିତ ଯୋଡ଼ିବାର ଆଶା ଦେଉଛି। ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ ପ୍ରସ୍ତାବ, ଦକ୍ଷତା ବିକାଶ ଓ ଗବେଷଣାରେ ଆଗ୍ରହ ବଢ଼ିବା ଓଡ଼ିଶାର ଶିଳ୍ପ ପରିଚୟକୁ ବିବିଧ କରିପାରେ। ଏହାର ଲାଭ କେବଳ ବଡ଼ କମ୍ପାନୀ କିମ୍ୱା ନିବେଶକଙ୍କ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ଇଞ୍ଜିନିୟରିଂ ଛାତ୍ରଛାତ୍ରୀ, ବୈଷୟିକ ଶିକ୍ଷାର୍ଥୀ, ଔଦ୍‌ଯୋଗିକ ପ୍ରଶିକ୍ଷଣ ନେଉଥିବା ଯୁବକଯୁବତୀ ଓ ସ୍ଥାନୀୟ କ୍ଷୁଦ୍ର ଉଦ୍‌ଯୋଗଗୁଡ଼ିକ ଏହି ପରିବର୍ତ୍ତନର ସହଭାଗୀ ହେବା ଆବଶ୍ୟକ। ନୂତନ ପ୍ରଯୁକ୍ତି ପ୍ରତିଷ୍ଠାନ ଯଦି ଓଡ଼ିଶାର ଯୁବକଙ୍କୁ ଉଚ୍ଚଦକ୍ଷତା ଓ ଉଚ୍ଚ ଆୟର ନିଯୁକ୍ତି ଦେଇପାରେ, ତେବେ ରାଜ୍ୟରୁ ବାହାରକୁ ଜୀବିକା ଅନ୍ୱେଷଣରେ ଯାଉଥିବା ଅନେକ ଯୁବକଙ୍କ ପାଇଁ ନିଜ ମାଟିରେ ଭବିଷ୍ୟତ ଗଢ଼ିବାର ରାସ୍ତା ଖୋଲିପାରିବ। ଏହା ସହିତ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ମଧ୍ୟରେ ସମ୍ପର୍କ ଦୃଢ଼ କରିବା, ପ୍ରାୟୋଗିକ ପ୍ରଶିକ୍ଷଣ, ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ଆସନ୍ତାକାଲିର ଗସ୍ତରେ ଉଦ୍‌ଘାଟିତ ହେବାକୁ ଥିବା ତଥ୍ୟ କେନ୍ଦ୍ର ମଧ୍ୟ ଓଡ଼ିଶାର ଏହି ଡିଜିଟାଲ୍ ଆକାଂକ୍ଷାକୁ ଏକ ପ୍ରତୀକାତ୍ମକ ଶକ୍ତି ଦେଉଛି। ତଥ୍ୟ ଆଜିର ଅର୍ଥନୀତିର ଏକ ମୂଲ୍ୟବାନ ସମ୍ପଦ। ବ୍ୟାଙ୍କିଂ, ଡିଜିଟାଲ୍ ଦେୟ, ସରକାରୀ ସେବା, ବ୍ୟବସାୟ ଓ ନାଗରିକଙ୍କ ଆର୍ଥିକ ସୁରକ୍ଷା ପାଇଁ ନିରାପଦ ତଥ୍ୟ ପରିଚାଳନା ଅତ୍ୟାବଶ୍ୟକ। ଏହି ପ୍ରତିଷ୍ଠାନର ସ୍ଥାପନା ଓଡ଼ିଶାରେ ଡିଜିଟାଲ୍ ଭିତ୍ତିଭୂମି, ବୈଷୟିକ ସେବା ଓ ସାଇବର ସୁରକ୍ଷା ସମ୍ପର୍କିତ ଦକ୍ଷତା ବିକାଶର ସୁଯୋଗକୁ ଆଗକୁ ନେଇପାରେ। ତଥାପି, ଏହାର ସ୍ଥାନୀୟ ନିଯୁକ୍ତି ଓ ଅନ୍ୟ ଶିଳ୍ପରେ ପ୍ରଭାବ କେତେ ହେବ, ତାହା କାର୍ଯ୍ୟକାରିତା ଓ ଭବିଷ୍ୟତର ନିବେଶ ଉପରେ ନିର୍ଭର କରିବ। ଏଠାରେ ଆଉ ଏକ ପ୍ରଶ୍ନ ଅତ୍ୟନ୍ତ ଜରୁରୀ—ବିକାଶର ଲାଭ ଓଡ଼ିଶାର ସମସ୍ତ ଅଂଚଳକୁ କିପରି ପହଂଚିବ ଭୁବନେଶ୍ୱର ଓ କଟକରେ ନୂଆ ପ୍ରତିଷ୍ଠାନ ଗଢ଼ିଉଠିବା ଉତ୍ସାହଜନକ, କିନ୍ତୁ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା, ଉପକୂଳ ଅଂଚଳ ଓ ଆଦିବାସୀବହୁଳ ଜିଲ୍ଲାଗୁଡ଼ିକରେ ମଧ୍ୟ ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ଜୀବିକାର ସୁଯୋଗ ବଢ଼ିବା ଆବଶ୍ୟକ। ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ନିଜସ୍ୱ ସାମର୍ଥ୍ୟ ଅଛି। କେଉଁଠି କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, କେଉଁଠି ଖଣିଜ ଓ ଧାତୁ ଶିଳ୍ପ, କେଉଁଠି ପର୍ଯ୍ୟଟନ, ହସ୍ତଶିଳ୍ପ, ବନଜାତ ଦ୍ରବ୍ୟ କିମ୍ୱା ମତ୍ସ୍ୟଚାଷର ଅସୀମ ସମ୍ଭାବନା ରହିଛି। ଏହି ସମ୍ଭାବନାଗୁଡ଼ିକୁ ଉପଯୁକ୍ତ ପୁଞ୍ଜି, ବଜାର, ପରିବହନ, ପ୍ରଶିକ୍ଷଣ ଓ ପ୍ରଯୁକ୍ତି ସହିତ ଯୋଡ଼ିଲେ ବିକାଶର ଧାରା ଅଧିକ ସମାବେଶୀ ହୋଇପାରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗ ଏହି ଲକ୍ଷ୍ୟ ପୂରଣରେ ମୁଖ୍ୟ ଭୂମିକା ନେଇପାରେ। ଏହି ସହଯୋଗର ମୂଲ୍ୟ ରାଜନୈତିକ ନାରାରେ ନୁହେଁ, ବରଂ ପ୍ରକଳ୍ପର ସମୟୋଚିତ ସମାପ୍ତି, ସ୍ୱଚ୍ଛ ପ୍ରଶାସନ, ନିଯୁକ୍ତି ସୃଷ୍ଟି, ସେବାର ଗୁଣବତା ଓ ସାଧାରଣ ଲୋକଙ୍କ ଜୀବନରେ ଆସୁଥିବା ପରିବର୍ତ୍ତନରେ ମାପିବା ଉଚିତ। ଓଡ଼ିଶାର ଜନସାଧାରଣଙ୍କ ଆଶା ମଧ୍ୟ ଏହିପରି ବାସ୍ତବ ଫଳାଫଳକୁ ନେଇ। ଏକ ପ୍ରକଳ୍ପ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଗର୍ବର ବିଷୟ, କିନ୍ତୁ ତାହାର ସଫଳତା ନିର୍ଣ୍ଣୟ ହେବ ଯେତେବେଳେ ଏହା ନିରନ୍ତର ଓ ଦକ୍ଷତାର ସହିତ କାର୍ଯ୍ୟ କରିବ, ଦେଶର ଆର୍ଥିକ ସୁରକ୍ଷାକୁ ଶକ୍ତିଶାଳୀ କରିବ ଏବଂ ଓଡ଼ିଶାରେ ନୂଆ ସୁଯୋଗ ସୃଷ୍ଟି କରିବ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଏହି ବିକାଶ ଆକାଂକ୍ଷାକୁ ଆଉ ଥରେ ଆଲୋଚନାର କେନ୍ଦ୍ରକୁ ଆଣିଛି। ଏହା ରାଜ୍ୟ ପାଇଁ ଏକ ସକାରାତ୍ମକ ସୁଯୋଗ, ଯାହାକୁ ଦୀର୍ଘମିଆଦୀ ଯୋଜନା, ଦୃଢ଼ କାର୍ଯ୍ୟକାରିତା ଓ ଜନସହଭାଗିତା ମାଧ୍ୟମରେ ସାର୍ଥକ କରିବାକୁ ହେବ। ଓଡ଼ିଶାର ଉନ୍ନତି କେବଳ ଗୋଟିଏ ସରକାରର ସଫଳତା କିମ୍ୱା ଗୋଟିଏ ଦଳର ରାଜନୈତିକ ପରିଚୟରେ ସୀମିତ ନୁହେଁ; ଏହା ଚାଷୀ, ଶ୍ରମିକ, ଉଦ୍‌ଯୋଗୀ, ଶିକ୍ଷକ, ବୈଜ୍ଞାନିକ, ଯୁବପିଢ଼ି ଓ ସାଧାରଣ ନାଗରିକଙ୍କ ସାମୂହିକ ପ୍ରୟାସର ଫଳ ହେବା ଉଚିତ। ପ୍ରଧାନମନ୍ତ୍ରୀଙ୍କ ଆଗମନ ଓ ନୂତନ ପ୍ରତିଷ୍ଠାନର ଉଦ୍‌ଘାଟନକୁ ଏକ ନୂଆ ସଂକଳ୍ପର ଅବସର ଭାବେ ଗ୍ରହଣ କରିବା ଆବଶ୍ୟକ—ଓଡ଼ିଶାର ସମ୍ପଦର ମୂଲ୍ୟ ଓଡ଼ିଶାର ଲୋକଙ୍କ ଜୀବନରେ ପ୍ରତିଫଳିତ ହେଉ, ରାଜ୍ୟର ଯୁବକଯୁବତୀ ନିଜ ମାଟିରେ ନିଯୁକ୍ତି ଓ ଉଦ୍ୟମର ସୁଯୋଗ ପାଆନ୍ତୁ, ଶିଳ୍ପ ବିକାଶ ସହିତ ପରିବେଶ ସୁରକ୍ଷା ନିଶ୍ଚିତ ହେଉ ଏବଂ ପୂର୍ବ ଭାରତର ବିକାଶରେ ଓଡ଼ିଶା ନିଜର ଐତିହାସିକ ଭୂମିକା ନିର୍ବାହ କରୁ। ଆଜି ଓଡ଼ିଶା ସମ୍ମୁଖରେ ଥିବା ପ୍ରଶ୍ନ କେବଳ କେତେ ପ୍ରକଳ୍ପ ଆସିଲା ତାହା ନୁହେଁ; ପ୍ରଶ୍ନ ହେଉଛି ସେହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଆର୍ଥିକ ଭବିଷ୍ୟତକୁ କେତେ ଶକ୍ତିଶାଳୀ କରିବ। ଆସନ୍ତାକାଲିର ଉଦ୍‌ଘାଟନ ଏହି ବଡ଼ ଲକ୍ଷ୍ୟ ଦିଗରେ ଏକ ସାର୍ଥକ ପଦକ୍ଷେପ ହେଉ ଓଡ଼ିଶା ଖଣିଜ ସମ୍ପଦରୁ ଜ୍ଞାନସମ୍ପଦକୁ, ପାରମ୍ପରିକ ଶିଳ୍ପରୁ ଉନ୍ନତ ପ୍ରଯୁକ୍ତିକୁ, ସମ୍ଭାବନାରୁ ସଫଳତାକୁ ଏବଂ ଆଂଚଳିକ ପରିଚୟରୁ ଜାତୀୟ ବିକାଶର ଅଗ୍ରଣୀ ଶକ୍ତିକୁ ଅଗ୍ରସର ହେଉ। ଏହା ହିଁ ଓଡ଼ିଶା ପାଇଁ ପୂର୍ବୋଦୟର ପ୍ରକୃତ ଅର୍ଥ, ଏହା ହିଁ ପୂର୍ବାଭିମୁଖୀ ନୀତିର ସାର୍ଥକତା ଏବଂ ଏହା ହିଁ ଆଗାମୀ ପିଢ଼ି ପାଇଁ ଏକ ସମୃଦ୍ଧ, ସକ୍ଷମ ଓ ଆତ୍ମବିଶ୍ୱାସୀ ଓଡ଼ିଶା ଗଢ଼ିବାର ମାର୍ଗ। ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA , Pin :769003

ଗଣତନ୍ତ୍ର ବଚାଂଅ, ଅରାଜକତା ହଟାଅ’ ଅଭିଯାନ

ସମ୍ବଲପୁର ବିଜେପିର ଜିଲ୍ଲାସ୍ତରୀୟ କର୍ମଶାଳା

ସମ୍ବଲପୁର,୩୦/୧୦(ନି/ପ୍ର): କେନ୍ଦ୍ରର ମୋଦୀ ସରକାର, ବିଜେପି ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରଶାସନିକ ସଂସ୍ଥା ବିରୋଧରେ ବିରୋଧୀ ଦଳଙ୍କ ଆନ୍ଦୋଳନ ଓ ଅପପ୍ରଚାରକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ବିଜେପି ପକ୍ଷରୁ ଦେଶବ୍ୟାପୀ ‘ଗଣତନ୍ତ୍ର ବଚାଂଅ, ଅରାଜକତା ହଟାଅ’ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଅନ୍ତର୍ଗତ ଆଗାମୀ ଦିନରେ ସମ୍ବଲପୁର ଜିଲ୍ଲାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି ପାଇଁ ଆଜି ସମ୍ବଲପୁର ଜିଲ୍ଲା ବିଜେପି ପକ୍ଷରୁ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣତନ୍ତ୍ରର ସୁରକ୍ଷା, ଜନସାଧାରଣଙ୍କ ମୌଳିକ ଅଧିକାର ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ସ୍ଥାନୀୟ ଅଗ୍ରସେନ ଭବନଠାରେ ଆୟୋଜିତ କର୍ମଶାଳାରେ ଦଳର ବରିଷ୍ଠ ନେତାମାନେ ମୁଖ୍ୟବକ୍ତା ଓ ଅତିଥି ଭାବେ ଯୋଗଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅରାଜକତା ବିରୋଧରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଅଭିଯାନର କ୍ଲଷ୍ଟର ଇନ୍ ?ଚାର୍ଜ ତଥା ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଚଂଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସମ୍ପାଦକ କଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗିରିଶ ପଟେଲ ଓ ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଦଳୀୟ କର୍ମକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଥିଲେ। ଦେଶ ଓ ପ୍ରଦେଶରେ ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରଖିବା, ବିରୋଧୀଙ୍କ ଅପପ୍ରଚାରକୁ ରୋକିବା ଏବଂ ଜନସାଧାରଣଙ୍କ ନିକଟରେ ସତ୍ୟ ଉପସ୍ଥାପନ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଅତିଥିମାନେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଜିଲ୍ଲା ସାଧାରଣ ସମ୍ପାଦକ ସମୀର ରଞ୍ଜନ ବାବୁ ଓ ଆଶିଷ ହୋତା, ବରିଷ୍ଠ ନେତା ଦାମୋଦର କର, ମୋର୍ଚ୍ଚା ସଭାପତି ପ୍ରଭୁଦତ୍ତ ପଣ୍ଡା, ସୁଷମା ସାହୁ, ମିତ୍ରଭାନୁ ପ୍ରଧାନ, ହରବ୍ରତ ସେନାପତି, ଗୁର୍ଦ୍ଦିପ ସିଂ ଓ ରମେଶ ପ୍ରଧାନଙ୍କ ସମେତ ଜିଲ୍ଲାର ବିଜେପି ନେତୃବୃନ୍ଦ, ବିଭିନ୍ନ ମଣ୍ଡଳର ସଭାପତି ଓ ବହୁ କର୍ମୀ ଯୋଗଦେଇଥିଲେ।

ସାହାସପୁର ଛକରୁ ୧୫ କେଜି ଗଞ୍ଜେଇ ଜବତ; ୨ ଗିରଫ

ସମ୍ବଲପୁର,୩୦/୧୦(ନି/ପ୍ର): ଧମା ଅବକାରୀ ଥାନା ଅଧିକାରୀ (ଓଆଇସି) ଓ ତାଙ୍କ ଚଢ଼ାଉକାରୀ ଦଳ ବୁଧବାର ଧମା ଥାନା ଅନ୍ତର୍ଗତ ସାହାସପୁର ଛକରେ ଚଢ଼ାଉ କରି ୧୫ କେଜି ଗଞ୍ଜେଇ ଜବତ କରିଛନ୍ତି। ଏହି ଘଟଣାରେ ବିହାରର ଔରଙ୍ଗାବାଦ ଜିଲ୍ଲା କୁଟୁମ୍ବା ଥାନା ଅଚଂଳର ଅନୁଜ କୁମାର (୨୩) ଓ ରବି କୁମାର ଗୋସ୍ୱାମୀ (୨୬)ଙ୍କୁ ଗିରଫ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ ମାନ୍ୟବର ଅଦାଲତକୁ ଚାଲାଣ କରାଯାଇଛି ବୋଲି ସମ୍ବଲପୁର ଉପ ଅଧୀକ୍ଷକ, ଅବକାରୀ ଏନଫୋର୍ସମେଟଂ ପକ୍ଷରୁ ସୂଚନା ଦିଆଯାଇଛି।

କମନ୍‌ୱେଲ୍ଥ ଷ୍ଟାର୍ଟଅପ୍ ଫେଲୋସିପ୍‌ରେ ମନୋନୀତ ସମ୍ବଲପୁରର ଯୁବ ପ୍ରତିଭା ସାର୍ଥକ ପୂଜାରୀ

ସମ୍ବଲପୁର,୩୦/୧୦(ନି/ପ୍ର):ରାଜ୍ୟଗୋଷ୍ଠୀ ଆୟୋଗ (କମନ୍‌ୱେଲ୍ଥ) ପକ୍ଷରୁ ଇମ୍ପେରିଆଲ୍ କଲେଜ୍ ଲଣ୍ଡନ୍‌ର ସହଯୋଗରେ ପରିଚାଳିତ ‘କମନ୍‌ୱେଲ୍ଥ ଷ୍ଟାର୍ଟଅପ୍ ଫେଲୋସିପ୍’ର ତୃତୀୟ ବ୍ୟାଚ୍ ପାଇଁ ସମ୍ବଲପୁରର ଯୁବ ପ୍ରତିଭା ସାର୍ଥକ ପୂଜାରୀ ମନୋନୀତ ହୋଇଛନ୍ତି। ଏହି ଫେଲୋସିପ୍ ପାଇଁ ବିଭିନ୍ନ ଦେଶରୁ ବହୁ ପ୍ରତିଯୋଗୀ ଆବେଦନ କରିଥିଲେ। ସାର୍ଥକ ସମ୍ବଲପୁର ମୋଦିପଡ଼ା ନିବାସୀ ଅଧ୍ୟାପକ ବିଶ୍ୱରଞ୍ଜନ ପୂଜାରୀ ଓ ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡାଙ୍କ ପୁତ୍ର। ସେ ଆଇଆଇଟି ଦିଲ୍ଲୀରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି।

ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର

ସମ୍ବଲପୁର,୩୦/୧୦(ନି/ପ୍ର): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ, ସମ୍ବଲପୁର ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ‘ଜନଗଣନା-୨୦୨୭’ର ଦ୍ୱିତୀୟ ପର୍ଯ୍ୟାୟ ଜନସଂଖ୍ୟା ଗଣନା ପାଇଁ ଏକ ଜିଲ୍ଲା ସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ ହୋଇଛି। ସମ୍ବଲପୁର ମହାନଗର ନିଗମ ସମ୍ମିଳନୀ କକ୍ଷ ପରୀସରରେ ଅନୁଷ୍ଠିତ ଏହି କର୍ମଶାଳା ୨୮ ଓ ୨୯ ଅକ୍ଟୋବର ଦୁଇ ଦିନ ଧରି ଚାଲିବ ବୋଲି ଜଣାପଡିଛି। ଆଗାମୀ ଜନଗଣନାକୁ ସଠିକ୍, ସୁବ୍ୟବସ୍ଥିତ ତଥା ତ୍ରୁଟିଶୂନ୍ୟ ଭାବେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ ମୁଖ୍ୟତଃ ଜନସଂଖ୍ୟା ଗଣନାର ମୌଳିକ ଧାରଣା ଓ ପରିଭାଷା: ଜନଗଣନା ନିୟମାବଳୀ ଓ ବିଭିନ୍ନ ପରିଭାଷାର ସଠିକ୍ ଅନୁପାଳନ, ତଥ୍ୟ ସଂଗ୍ରହ ବେଳେ ପଚରାଯିବାକୁ ଥିବା ପ୍ରଶ୍ନ ଏବଂ ତାହାର ସଠିକ୍ ଲିପିବଦ୍ଧ ପ୍ରଣାଳୀ,ଗଣନା ବ୍ଲକ୍ ଗଠନ, ପ୍ରତ୍ୟେକ ଅଂଚଳକୁ ତ୍ରୁଟିଶୂନ୍ୟ ଭାବେ ବ୍ଲକରେ ବିଭକ୍ତ କରିବା ଓ ପରିସୀମା ନିର୍ଦ୍ଧାରଣ, ସିଏମ୍‌ଏମ୍‌ଏସ୍ ବ୍ୟବସ୍ଥାର ବ୍ୟବହାର: ତଦାରଖ ଏବଂ ତଥ୍ୟ ପରିଚାଳନା ପାଇଁ ମେନ୍ସ ମ୍ୟାନେଜମେଂଟ ଆଣ୍ଡ ମନିଟରିଙ୍ଗ ସିଷ୍ଟମର ପ୍ରୟୋଗ, କ୍ଷେତ୍ର ସ୍ତରରେ ଜନଗଣନାକୁ ଶାନ୍ତିଶୃଙ୍ଖଳା ଓ ସଫଳତାର ସହ ପରିଚାଳନା କରିବା ପାଇଁ ପ୍ରଶାସନିକ ସଜବାଜ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ଓ ପ୍ରଶିକ୍ଷଣ ଦିଆଯାଉଛି। ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ବିକାଶ ତଥା ଭବିଷ୍ୟତ ଯୋଜନା ପ୍ରସ୍ତୁତି ପାଇଁ ଜନଗଣନା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଏଣୁ ଏହି ମହତ୍ କାର୍ଯ୍ୟକୁ ସଫଳ କରିବା ନିମନ୍ତେ ଗଣନାକାରୀ କର୍ମଚାରୀମାନଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରି ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରାଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ସମସ୍ତ କର୍ମଚାରୀଙ୍କୁ ସହକାରୀ ନିର୍ଦ୍ଦେଶକ, ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟ ଶ୍ରୀ ଲକ୍ଷ୍ମଣ ମୁଖୀ, ପରିସଂଖ୍ୟାନ ଅନୁସନ୍ଧାନକାରୀ ଅଭିଷେକ ମିଶ୍ର ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, କୁଚିଣ୍ଡା ଉପଜିଲ୍ଲାପାଳ ସି. ସର୍ବାନନ ଓ ସମ୍ବଲପୁର ସଦର ଉପଜିଲ୍ଲାପାଳ ଡ ପୁଷ୍ପାଞ୍ଜଳି ପଣ୍ଡା, ଜିଲ୍ଲା ଯୋଜନା ଓ ସମନ୍ୱୟ ଏକକର ଉପ ନିର୍ଦ୍ଦେଶକ, ରେଙ୍ଗାଲି ଓ ବାମରା ବ୍ଲକ ଉନ୍ନୟନ ଅଧିକାରୀ, ସମସ୍ତ ବିଜ୍ଞାପିତ ଅଂଚଳ ପରିଷଦ ଅଧିକାରୀଙ୍କ ସମେତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଡେପୁଟି କଲେକ୍ଟର ମାନେ ଉପସ୍ଥିତ ଥିଲେ।

ନବରଙ୍ଗପୁର ଜିଲ୍ଲାରେ ବନ୍ୟା ମୁକାବିଲା ଓ ରିଲିଫ୍ ବ୍ୟବସ୍ଥାର ସମୀକ୍ଷା କଲେ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଜିଲ୍ଲା ପ୍ରଶାସନର ତତ୍ପରତା ଓ ସମନ୍ୱିତ ପଦକ୍ଷେପକୁ ପ୍ରଶଂସା

ନବରଙ୍ଗପୁର,୩୦/୧୦(ନି/ପ୍ର): ନବରଙ୍ଗପୁର ଜିଲ୍ଲାରେ ସାମ୍ପ୍ରତିକ ବନ୍ୟା ପରିସ୍ଥିତିର ମୁକାବିଲା, ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ଆଶ୍ରୟସ୍ଥଳୀରେ ରିଲିଫ୍ ଓ ଖାଦ୍ୟ ବ୍ୟବସ୍ଥା ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିର ସମୀକ୍ଷା ନିମନ୍ତେ ଆଜି ନବରଙ୍ଗପୁର ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଏକ ବାତ୍ୟା ପରବର୍ତ୍ତୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକର ପ୍ରାରମ୍ଭରେ ନବରଙ୍ଗପୁର ଜିଲ୍ଲାପାଳ ଉପସ୍ଥିତ ମାନ୍ୟବର ଜନପ୍ରତିନିଧି, ପଦାଧିକାରୀ ଓ ଅନ୍ୟାନ୍ୟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଚଂଳରେ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପୂର୍ବପ୍ରସ୍ତୁତି, ଉଦ୍ଧାର କାର୍ଯ୍ୟ, ଲୋକଙ୍କ ସ୍ଥାନାନ୍ତର, ଆଶ୍ରୟସ୍ଥଳୀ ପରିଚାଳନା ଓ ରିଲିଫ୍ ବଣ୍ଟନ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଡ. ମହେଶ୍ୱର ସ୍ୱାଇଁ ବନ୍ୟା ପରିସ୍ଥିତି ସମୟରେ ଜିଲ୍ଲାର ବିଭିନ୍ନ ପ୍ରଭାବିତ ଅଚଂଳକୁ କରିଥିବା କ୍ଷେତ୍ରୀୟ ପରିଦର୍ଶନର ଅନୁଭୂତି ବାଂଟିଥିଲେ। ବନ୍ୟା ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ପୂର୍ବ ପ୍ରସ୍ତୁତି, ଅଧିକାରୀମାନଙ୍କ ସର୍ତ୍ତକତା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସନ୍ତୋଷଜନକ ଥିବା ସେ ମତବ୍ୟକ୍ତ କରିଥିଲେ। ବିପର୍ଯ୍ୟୟ ସମୟରେ ତୃଣମୂଳ ସ୍ତରରେ ପ୍ରଶାସନର ସକ୍ରିୟ ଭୂମିକା ଓ ତତ୍ପରତା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଥିଲେ। ନବରଙ୍ଗପୁର ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଶ୍ରୀ ଗୌରୀଶଙ୍କର ମାଝୀ କହିଥିଲେ ଯେ, ସେ ମାନ୍ୟବର ମନ୍ତ୍ରୀଙ୍କ ସହ ବନ୍ୟା ପ୍ରଭାବିତ ଅଚଂଳ ପରିଦର୍ଶନ କରିଥିଲେ। ସେଠାରେ ଲୋକଙ୍କୁ ସୁରକ୍ଷିତ ରଖିବା, ଆବଶ୍ୟକ ସହାୟତା ଯୋଗାଇଦେବା ଓ ରିଲିଫ୍ ବ୍ୟବସ୍ଥା ସୁନିଶ୍ଚିତ କରିବା ଦିଗରେ ବ୍ଲକ୍ ଉନ୍ନୟନ ଅଧିକାରୀମାନଙ୍କ କାର୍ଯ୍ୟ ପ୍ରଶଂସନୀୟ ଥିଲା। ସଙ୍କଟ ସମୟରେ ଅଧିକାରୀମାନଙ୍କ ଦାୟିତ୍ୱବୋଧ ଓ କାର୍ଯ୍ୟଦକ୍ଷତା ଲୋକଙ୍କୁ ଆଶ୍ୱସ୍ତ କରିଥିଲା ବୋଲି ସେ କହିଥିଲେ। ନବରଙ୍ଗପୁର ମାନ୍ୟବର ସାଂସଦ ଶ୍ରୀ ବଳଭଦ୍ର ମାଝୀ ବନ୍ୟା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହଜାର ହଜାର ଲୋକଙ୍କୁ ସମୟୋଚିତ ଭାବେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଉଲ୍ଲେଖ କରିଥିଲେ। ଏହି ପଦକ୍ଷେପ ଜନଜୀବନର ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ସେ ମତ ପ୍ରକାଶ କରିଥିଲେ। ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବନ୍ୟା ପରିସ୍ଥିତି ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ନିଜ ନିଜ ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରିଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲା ପ୍ରଶାସନର ସମନ୍ୱିତ ପଦକ୍ଷେପ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇପାରିଥିବା ସେ ଉଲ୍ଲେଖ କରିଥିଲେ। ମନ୍ତ୍ରୀ ବିଭିନ୍ନ ଆଶ୍ରୟସ୍ଥଳୀ ପରିଦର୍ଶନ ସମୟରେ ଖାଦ୍ୟ ବ୍ୟବସ୍ଥାର ମଧ୍ୟ ଯାଚଂ କରିଥିଲେ ଏବଂ ନିଜେ ଖାଦ୍ୟର ସ୍ୱାଦ ନେଇ ଏହାର ଗୁଣବତ୍ତା ସମ୍ପର୍କରେ ସନ୍ତୋଷ ପ୍ରକାଶ କରିଥିଲେ। ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କୁ ସମୟୋଚିତ ସହାୟତା, ନିରାପଦ ଆଶ୍ରୟ ଓ ଗୁଣାତ୍ମକ ଖାଦ୍ୟ ଯୋଗାଇଦେବା ପ୍ରଶାସନର ପ୍ରାଥମିକ ଦାୟିତ୍ୱ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲ୍ଲାର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା, ଭବିଷ୍ୟତରେ ଏଭଳି ପରିସ୍ଥିତିର ସଫଳ ମୁକାବିଲା କରିବା ବୋଲି ମତପ୍ରକାଶ କରିଥିଲେ । ଏହି ବୈଠକରେ ମାନ୍ୟବର ବିଧାୟକ ଡାବୁଗାଁ ଶ୍ରୀ ମନୋହର ରନ୍ଧାରୀ, ନବରଙ୍ଗପୁର ଜିଲ୍ଲାପାଳ ଶ୍ରମତୀ ମଧୁମିତା, ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ଶ୍ରୀ ଲିଙ୍ଗରାଜ ଭତ୍ରା, ଜିଲ୍ଲା ପରିଷଦ ସଭାପତି ଶ୍ରୀ ମୋତିରାମ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଶ୍ୱଜିତ ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ବିରଚିଂ ନାରାୟଣ ଦରୱାନ, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ଖୋସଲାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଶ୍ୱଜିତ ବର୍ମନ ଧନ୍ୟବାଦ ଅର୍ପଣ କରିଥିଲେ।

ଶ୍ରୀ କୃଷ୍ଣ ଗୋଶାଳାରେ ଉଦ୍ଧାର ଗୋରୁଙ୍କ ଯତ୍ନ

ପ୍ରାଣୀଚିକିତ୍ସା ବିଭାଗ ପକ୍ଷରୁ ନିୟମିତ ତଦାରଖ ଓ ଚିକିତ୍ସା ଜାରି

ଝାରସୁଗୁଡା,୩୦/୧୦(ନି/ପ୍ର):ଜିଲ୍ଲାରେ ଉଦ୍ଧାର ହୋଇଥିବା ଗୋରୁମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବେଳେ, ଏବେ ସେମାନଙ୍କ ଥଇଥାନ ଓ ସ୍ୱାସ୍ଥ୍ୟସେବାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ବେସାହାରା ଓ ପରିତ୍ୟକ୍ତ ଗୋରୁମାନଙ୍କୁ ଗୋଶାଳାରେ ଆଶ୍ରୟ ଦିଆଯାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କର ସମ୍ପୂର୍ଣ୍ଣ ଯତ୍ନ ନିଆଯାଉଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୃଷ୍ଣ ଗୋଶାଳାରେ ଆଶ୍ରୟ ନେଇଥିବା ଉଦ୍ଧାର ଗୋସମ୍ପଦଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଛି। ଗୋରୁମାନଙ୍କ ଯତ୍ନ ନେବା ପାଇଁ ପ୍ରାଣୀଚିକିତ୍ସା ବିଭାଗର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ନିୟମିତ ଭାବେ ଗୋଶାଳା ପରିଦର୍ଶନ କରୁଛନ୍ତି। ପରିଦର୍ଶନ ସମୟରେ ବିଭାଗୀୟ ଦଳ ପକ୍ଷରୁ ପ୍ରତ୍ୟେକ ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ବିଶେଷ କରି ଉଦ୍ଧାର ସମୟରେ ଆହତ ଥିବା ଗୋରୁମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ତୁରନ୍ତ ଡ୍ରେସିଂ ଓ ଆବଶ୍ୟକୀୟ ଔଷଧ ସହ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉଛି। ଏହା ସହିତ ଗୋରୁମାନଙ୍କ ସୁସ୍ଥ ରହିବା ପାଇଁ ଆବଶ୍ୟକ ହେଉଥିବା ପୁଷ୍ଟିକର ସବୁଜ ଘାସ, ଶୁଖିଲା ନଡ଼ା, ଚୋକଡ଼ ଓ ପିଡ଼ିଆ ଭଳି ପର୍ଯ୍ୟାପ୍ତ ଗୋ-ଖାଦ୍ୟ ଉପଲବ୍ଧତା ସୁନିଶ୍ଚିତ କରାଯାଇଛି। କୌଣସି ପରିସ୍ଥିତିରେ ବି ଯେପରି ଗୋଶାଳାରେ ଥିବା ଗୋରୁମାନଙ୍କ ଚିକିତ୍ସା କିମ୍ବା ଖାଦ୍ୟପେୟରେ ଅବହେଳା ନହୁଏ, ସେଥିପାଇଁ ଜିଲ୍ଲାପାଳ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗୋଶାଳା ପରିସରକୁ ସ୍ୱଚ୍ଛ ରଖିବା ସହିତ ପ୍ରାଣୀଧନ ନିରୀକ୍ଷକ ଓ ଭେଟେରିନାରୀ ଟିମ୍ ସର୍ବଦା ସଜାଗ ରହି ନିୟମିତ ସ୍ଥିତି ସମୀକ୍ଷା କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି। ଏଥିସହିତ ରାସ୍ତାଘାଟରେ ଗୋରୁ ଛାଡ଼ିବା ଦ୍ୱାରା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ମାରାତ୍ମକ ସଡ଼କ ଦୁର୍ଘଟଣା ଘଟୁଥିବାରୁ, କୌଣସି ବି ଗୋ-ପାଳକ ଯେପରି ନିଜ ଗୋରୁଗାଈଙ୍କୁ ରାସ୍ତାରେ ବେସାହାରା ଭାବେ ନ ଛାଡ଼ନ୍ତି, ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଗୋ-ମାଲିକମାନଙ୍କୁ ବିଶେଷ ଭାବେ ଅନୁରୋଧ କରାଯାଇଛି।

ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା

ଝାରସୁଗୁଡ଼ା,୩୦/୧୦(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଜଳ ଓ ପରିମଳ ମିଶନର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରେ ଚାଲିଥିବା ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋସ୍ନାମୟୀ ମାରାଣ୍ଡି, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର କିଷାନଙ୍କ ସମେତ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗର ଏସଡିଓ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ନିର୍ମାଣକାରୀ ସଂସ୍ଥା ଏଲ୍ ଆଣ୍ଡ ଟି ର ପ୍ରକଳ୍ପ ପରିଚାଳକ ତଥା ପ୍ରତିନିଧିମାନେ ଉପସ୍ଥିତ ଥିଲେ।ସମୀକ୍ଷା ସମୟରେ ଜିଲ୍ଲାପାଳ ଲଖନପୁର ବ୍ଲକ ଅଧୀନସ୍ଥ ୧୭ଟି ଗ୍ରାମ ପଚାଂୟତ ପାଇଁ ନିର୍ମାଣାଧୀନ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ନିର୍ଦ୍ଧାରିତ ଚୂଡ଼ାନ୍ତ ତାରିଖ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଏଲ୍ ଆଣ୍ଡ ଟି ପ୍ରକଳ୍ପ ପରିଚାଳକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପ ପାଇଁ ଆଉ କୌଣସି ଅତିରିକ୍ତ ସମୟ ଦିଆଯିବ ନାହିଁ ବୋଲି ସେ ଦୃଢ଼ ଭାବରେ ସ୍ପଷ୍ଟ କରିଥିଲେ। ଏହାର ଉତ୍ତରରେ ଏଲ୍‌ଆଣ୍ଡ ଟିର ପ୍ରକଳ୍ପ ପରିଚାଳକ ଆସନ୍ତା ୧୫ ଡିସେମ୍ବର ୨୦୨୬ ସୁଦ୍ଧା ଏହି ପ୍ରକଳ୍ପର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହା ସହିତ ଝାରସୁଗୁଡ଼ା, କିର୍ମିରା, କୋଲାବିରା ଏବଂ ଲଇକେରା ବ୍ଲକର ୪୨ଟି ଗ୍ରାମ ପଚାଂୟତକୁ ସଂଯୋଗ କରୁଥିବା ଅନ୍ୟ ଏକ ବୃହତ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟକ୍ଷମ ସ୍ଥିତି ସମ୍ପର୍କରେ ମଧ୍ୟ ଜିଲ୍ଲାପାଳ ସମୀକ୍ଷା କରିଥିଲେ।

ଝାରସୁଗୁଡ଼ାରେ କୃଷି ଓ ଜଳସେଚନ ପରିସଂଖ୍ୟାନ ତଥ୍ୟ ଅନୁମୋଦନ ବୈଠକ

ଝାରସୁଗୁଡ଼ା,୩୦/୧୦(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ଏକାଦଶ କୃଷି ଗଣନା (ତୃତୀୟ ର୍ଯ୍ୟାୟ) ଏବଂ ଜଳସେଚନ ଗଣନା ସମ୍ପର୍କିତ ତଥ୍ୟର ଯାଚଂ ଓ ଅନୁମୋଦନ ନିମନ୍ତେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜିଦୁଇଟି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ପ୍ରାରମ୍ଭରେ ଯୋଜନା ଓ ପରିସଂଖ୍ୟାନ ବିଭାଗର ଉ-ନିର୍ଦ୍ଦେଶକ ସଞ୍ଜୟ କୁମାର ଦୀପ ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ଏକାଦଶ କୃଷି ଗଣନା (ଫେଜ୍-୩)ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହାପରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉପ-କମିଟି ବୈଠକରେ ରିସଂଖ୍ୟାନ ଅଧିକାରୀ ଶୁଭ୍ରଜିତ ବେହେରା ଜଳସେଚନ ଗଣନାର ସମସ୍ତ ତଥ୍ୟ ଉପସ୍ଥାନ କରିଥିଲେ। ଏଥିସହ ତଥ୍ୟ ସମ୍ପର୍କରେ ଜିଲ୍ଲାପାଳଙ୍କ ଦ୍ୱାରା ପଚରାଯାଇଥିବା ବିଭିନ୍ନ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଓ ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ। ଏହି ବୈଠକରେ ଗଣନା ତଥ୍ୟର ସମୀକ୍ଷା କରାଯିବା ସହ ସେଗୁଡ଼ିକୁ ଆନୁଷ୍ଠାନିକ ଭାବେ ଅନୁମୋଦନ କରାଯାଇଛି।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଇସିଡିଏସ୍ ସମୀକ୍ଷା ବୈଠକ

ଝାରସୁଗୁଡ଼ା,୩୦/୧୦(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି ଏକ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ନାୟକ, ଉପଖଣ୍ଡ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣକେଶୀ ବଳିୟାରସିଂହ, ଜିଲ୍ଲାର ସମସ୍ତ ସିଡିପିଓ, ସୁପରଭାଇଜର, ଡିପିସି ମମତା, ଡିସି ପୋଷଣ ଏବଂ ଡିସି ହବ୍ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ପୁଷ୍ଟିହୀନତା ଦୂରୀକରଣ ତଥା ଶିଶୁ ଏବଂ ମହିଳାମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିଶେଷ ଭାବରେ ଚିହ୍ନଟ ହୋଇଥିବା ଅତି ଗୁରୁତର ଶିଶୁ ଏବଂ ଗର୍ଭବତୀ ମହିଳାମାନଙ୍କୁ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଉପସ୍ଥିତ ରଖାଇ ଖାଦ୍ୟ ଖୁଆଇବା ବା ‘ସ୍ପଟ୍ ଫିଡିଂ’ ସୁନିଶ୍ଚିତ କରିବାକୁ ସିଡିପିଓ ଏବଂ ସୁପରଭାଇଜରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ପୁଷ୍ଟିସାଧନ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଅପୁଷ୍ଟିଜନିତ ମୃତ୍ୟୁ ହାରକୁ ରୋକାଯାଇ ପାରିବ ବୋଲି ପ୍ରକାଶ ପାଇଛି। ଏଥିସହିତ ଚିହ୍ନଟ ହୋଇଥିବା ସାମ୍ ଶିଶୁମାନଙ୍କ ଘରକୁ କ୍ଷେତ୍ର କର୍ମଚାରୀମାନେ ନିୟମିତ ପରିଦର୍ଶନ କରିବା, ଶିଶୁଙ୍କ ପୁଷ୍ଟିଗତ ଅଗ୍ରଗତିର ନିରୀକ୍ଷଣ କରିବା ଏବଂ ପରିବାର ତଥା ଯତ୍ନ ନେଉଥିବା ବ୍ୟକ୍ତିବିଶେଷଙ୍କୁ ଉପଯୁକ୍ତ ଆହାର ପଦ୍ଧତି ସମ୍ପର୍କରେ ସଚେତନ ଓ କାଉନସେଲିଂ ଦେବାକୁ ନିର୍ଦ୍ଦେଶ ରହିଛି। ଶିଶୁମାନଙ୍କର ଠିକ୍ ଓଜନ ତଥା ଉଚ୍ଚତା ମାପିବା ସହିତ ଶାରୀରିକ ଅଭିବୃଦ୍ଧି ବା ଗ୍ରୋଥ୍ ମନିଟରିଂ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ନିୟମିତ ଯାଚଂ ଓ ତଦାରଖ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି।

ପ୍ରଗତି ଉତ୍କଳ ସଂଘରେ ଚନ୍ଦ୍ରଶେଖର ରଥ ଜୟନ୍ତୀ ପାଳିତ

ରାଉରକେଲା,୩୦/୧୦(ନି/ପ୍ର): ରାଉରକେଲାର ଅଗ୍ରଣୀ ସାହିତ୍ୟ-ସଂସ୍କୃତି ଅନୁଷ୍ଠାନ - ପ୍ରଗତି ଉତ୍କଳ ସଂଘର ଆନୁକୂଲ୍ୟରେ ମହାନ କିମ୍ବଦନ୍ତୀ ପୁରୁଷ ଚନ୍ଦ୍ରଶେଖର ରଥଙ୍କ ୯୮ତମ ଜୟନ୍ତୀ ସଙ୍ଘର ଉପଦେଷ୍ଟା ଭାରତ ଭୂଷଣ ମହାନ୍ତିଙ୍କ ଆବାହକତ୍ୱରେ ଏବଂ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ମାନେ ପ୍ରଥମେ ସ୍ୱର୍ଗତ ରଥଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଷ୍ପ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସଭାପତିଙ୍କ ସ୍ୱାଗତ ଅଭିଭାଷଣ ପରେ ଶ୍ରୀମହାନ୍ତି ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ରବିନାରାୟଣ କବି ଚନ୍ଦ୍ରଶେଖରଙ୍କ ବହୁଚର୍ଚ୍ଚିତ ତଥା ଦର୍ଶନ ଭିତ୍ତିକ ପ୍ରବନ୍ଧ 'ମୁଁ କ୍ଷେତ୍ର ଯିବି' ପାଠ କରିଥିଲେ । ମୁଖ୍ୟ ଆଲୋଚିକା ଡ.ମନୀଷା ସାହୁ 'ଚନ୍ଦ୍ରଶେଖରଙ୍କ ଗଦ୍ୟ ସାହିତ୍ୟରେ ମାନବବାଦୀ ଚେତନାର ଅନ୍ୱେଷଣ ' ଶୀର୍ଷକରେ ଆଲୋଚନା କରି କହିଲେ ଯେ, ଓଡ଼ିଆ ଗଦ୍ୟ ସାହିତ୍ୟର ଦିଗଦର୍ଶକମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ରଥ ଏକ ସ୍ୱତନ୍ତ୍ର ଓ ଗୌରବୋଜ୍ଜ୍ୱଳ ସ୍ଥାନର ଅଧିକାରୀ । ତାଙ୍କର ପ୍ରବନ୍ଧ, ରମ୍ୟରଚନା ଏବଂ ଦାର୍ଶନିକ ଗଦ୍ୟ ସାହିତ୍ୟରେ ମାନବବାଦୀ ଚେତନା ଏକ ମୁଖ୍ୟ ପ୍ରାଣସ୍ପନ୍ଦନ ଭାବେ ବିରାଜମାନ । ତାଙ୍କ ଲେଖନୀ କେବଳ ବୌଦ୍ଧିକ ବାଗ୍ମିତା ନୁହେଁ, ବରଂ ମଣିଷର ଆତ୍ମା, ତାର ଦୁଃଖ-ସୁଖ, ଅନ୍ତର୍ଦ୍ୱନ୍ଦ୍ୱ ଏବଂ ଜୀବନର ଚରମ ସତ୍ୟର ଏକ ଗଭୀର ଅନ୍ୱେଷଣ । ତାଙ୍କ ସାହିତ୍ୟରେ ମାନବବାଦ ହେଉଛି ଜୀବନ ପ୍ରତି ଏକ ଗଭୀର ଶ୍ରଦ୍ଧା ଏବଂ ଆସ୍ଥାର ପ୍ରତୀକ । ଅନ୍ୟତମ ଆଲୋକ ତ୍ରିନାଥ ସିଂହ 'ଚନ୍ଦ୍ରଶେଖର ରଥଙ୍କ କବିତାର ପୃଥିବୀରେ ଶବ୍ଦ ଓ ଭାବର ସ୍ଥାପତ୍ୟ' ଶୀର୍ଷକରେ ଆଲୋଚନା କରି କହିଲେ ଯେ, ଚନ୍ଦ୍ରଶେଖର ତାଙ୍କର ସୂକ୍ଷ୍ମ କାବ୍ୟଚେତନା ଏବଂ ଭାଷାଜନିତ ସ୍ଥାପତ୍ୟ କଳା ପାଇଁ ସ୍ୱତନ୍ତ୍ର ଭାବେ ପରିଚିତ । ତାଙ୍କର ଗଦ୍ୟ ଏବଂ କବିତାଗୁଡ଼ିକରେ ଶବ୍ଦ ଚୟନ ଏବଂ ଭାବର ଗମ୍ଭୀରତା ଏକ ଅନନ୍ୟ ସ୍ଥାପତ୍ୟସୃଷ୍ଟି କରିଥାଏ । ତାଙ୍କର ସୃଜନକର୍ମରେ ଶବ୍ଦ କେବଳ ଭାଷାର ମାଧ୍ୟମ ହୋଇ ରହି ନାହିଁ, ବରଂ ଏହା ଭାବର ସୌନ୍ଦର୍ଯ୍ୟକୁ ସୁଦୃଢ଼ କରି ରଖିଥିବା ଏକ କଳାତ୍ମକ ସ୍ଥାପତ୍ୟରେ ପରିଣତ ହୋଇଛି । ତାଙ୍କ ଗଦ୍ୟ ମଧ୍ୟରେ ମଧ୍ୟ ଏକ କାବ୍ୟିକ ଲୟ ରହିଥାଏ । ଶବ୍ଦଗୁଡ଼ିକର ସାଙ୍ଗୀତିକ ବିନ୍ୟାସ ପାଠକର ମନରେ ଏକ ସ୍ୱତନ୍ତ୍ର ସ୍ପନ୍ଦନ ସୃଷ୍ଟି କରେ, ଯାହା ଶବ୍ଦ ଓ ଭାବର ସମନ୍ୱୟରେ ଏକ ସୁନ୍ଦର ସ୍ଥାପତ୍ୟ ପ୍ରସ୍ତୁତ କରେ । ମୁଖ୍ୟଅତିଥି ରାଧୁ ମିଶ୍ର ଚନ୍ଦ୍ରଶେଖରଙ୍କ ସହ ବିତାଇଥିବା ତାଙ୍କର ପାରିବାରିକ ତଥା ବ୍ୟକ୍ତିଗତ ସମ୍ପର୍କର ସ୍ମୃତି ଚାରଣ କରିବା ସହ ତାଙ୍କ ଉଚ୍ଚାରଣ ଏବଂ ଆଚରଣରେ କୌଣସି ପ୍ରଭେଦ ନଥିଲା ବୋଲି ପ୍ରତିପାଦିତ କରିଥିଲେ । କବୀ ବିଜୟିନୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମଣ ନାଥ ଦାସ, ଅଶୋକ କୁମାର ପଟ୍ଟନାୟକ, ରଶ୍ମି ସାହୁ, ସ୍ମିତା ମିଶ୍ର, ଚାରୁଲତା ମଲ୍ଲିକ, ଅରବିନ୍ଦ ପାତ୍ର ଏବଂ ଇନ୍ଦ୍ରମଣି ମହାପାତ୍ର ପ୍ରମୁଖ ସହାୟତା କରିଥିବା ବେଳେ ସଙ୍ଘର ଉପସଭାପତି ରଶ୍ମିରଞ୍ଜନ ବୋଇତାଇ, ଡ. ପ୍ରଭାତ କୁମାର ମଲ୍ଲିକ, ଡ. ନଗେନ ଦାସ, ରାଜୀବ ପାଣି, ଅକ୍ଷୟ କୁମାର ସାମଲ, ଶର୍ମିଷ୍ଠା କବି ଶତପଥୀ, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, କୁଞ୍ଜବିହାରୀ ରାଉତ, କୈଳାସ ଚନ୍ଦ୍ର ମହାନ୍ତି, ଦିଲ୍ଲିପ କୁମାର ବୋଷ, ସତ୍ୟବ୍ରତ ମହାନ୍ତି, ସିପ୍ରା ମହାନ୍ତି, ଅଶୋକ କୁମାର ସେଠୀ, ଜୟଶ୍ରୀ କବି, ବିଶ୍ୱନାଥ ଆଇଚ, ପରେଶ ବିଶ୍ୱାଳ, ସଞ୍ଜୀବ ଭୋଇ, ପ୍ରକାଶ ଚନ୍ଦ୍ର ସେଠୀ, ଅଜୟ କୁମାର ସ୍ୱାଇଁ, ମନୀଷା ସାହୁ, ନାରାୟଣ ଦଳାଇ, ଚିନ୍ମୟ ଦାସ, ତ୍ରିଲୋଚନ ସ୍ୱାଇଁଙ୍କ ସହ ସଙ୍ଘରକର୍ମକର୍ତ୍ତା, ସଦସ୍ୟ ସଦସ୍ୟା ତଥା ବହୁ ସାହିତ୍ୟ ସଂସ୍କୃତି ପ୍ରେମୀ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

ସରଣ୍ଡା ଜଙ୍ଗଲରୁ ଲ୍ୟାଣ୍ଡମାଇନ ଜବତ

ରାଉରକେଲା,୩୦/୧୦(ନି/ପ୍ର): ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ସୀମାନ୍ତ ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲରୁ ନକ୍ସଲ ମୂଳପୋଛ ହୋଇଥିବା ନେଇ ସରକାର ଘୋଷଣା କରିଥିଲେ । ଏହି ନକ୍ସଲମୁକ୍ତ ଜଙ୍ଗଲରେ ପୁଣିଥରେ ନକ୍ସଲଙ୍କ ଗତିବିଧି ଚିହ୍ନଟ କରାଯାଇଛି । ନକ୍ସଲ ସଂଗଠନ ଏକ ବଡ଼ ହିଂସାକାଣ୍ଡ ଯୋଜନା କରିଥିବା ବେଳେ ସୁରକ୍ଷାବାହିନୀ ଏହାକୁ ବିଫଳ କରିଛନ୍ତି । ଜଙ୍ଗଲ ମଧ୍ୟରୁ ଦୁଇଟି ଶକ୍ତିଶାଳୀ ଲ୍ୟାଣ୍ଡମାଇନ୍ ଉଦ୍ଧାର କରାଯାଇଛି । ମିଳିଥିବା ସୂଚନାରେ, ପଶ୍ଚିମ ସିଂହଭୂମିର ସରଣ୍ଡା ଜଙ୍ଗଲରେ ନକ୍ସଲ ବିରୋଧୀ ଅଭିଯାନ ସମୟରେ ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି । କିରିବୁରୁ ଅଂଚଳର ବାହାଡା ଗ୍ରାମ ନିକଟରେ କୋୟନା ନଦୀ କୂଳରେ ମାଟି ତଳେ ଲୁଚାଇ ରଖାଯାଇଥିବା ଦୁଇଟି ଶକ୍ତିଶାଳୀ ଲ୍ୟାଣ୍ଡମାଇନ ଉଦ୍ଧାର କରାଯାଇଛି । ସିଆରପିଏଫର ୧୯୩ତମ ବାଟାଲିୟନ ଏବଂ ଝାଡ଼ଖଣ୍ଡ ପୁଲିସ ମିଳିତ ଦଳ ଏକ ସର୍ଚ୍ଚ ଅପରେସନ୍ କରୁଥିଲେ । ସର୍ଚ୍ଚ ସମୟରେ, ମାଟି ତଳେ ପୋତା ଯାଇଥିବା ବିସ୍ଫୋରକଗୁଡ଼ିକୁ ପାଇଲେ । ପରବର୍ତ୍ତୀ ସମୟରେ, ବୋମା ନିଷ୍କ୍ରିୟକାରୀ ଦଳ ଉଭୟ ଲ୍ୟାଣ୍ଡମାଇନକୁ ସୁରକ୍ଷିତ ଭାବରେ ନିଷ୍କ୍ରିୟ କରିଦେଇଥିଲେ । ଉଲ୍ଲେଖଯୋଗ୍ୟ, କିଛି ମାସ ପୂର୍ବରୁ, ଏହି ଦୁଇଟି ଆଇଇଡି ମିଳିଥିବା ସ୍ଥାନଠାରୁ ଅଳ୍ପ ଦୂରରେ ପୁଲିସ ଏବଂ ନକ୍ସଲ ମଧ୍ୟରେ ଏକ ବଡ଼ ଏନକାଉଣ୍ଟର ହୋଇଥିଲା । ଏନକାଉଣ୍ଟରରେ ମୁଣ୍ଡ ଉପରେ ୧ କୋଟି ଟଙ୍କା ପୁରସ୍କାର ଥିବା ନକ୍ସଲ ନେତା ପ୍ରତିମ ମାଝି ଓରଫ ଅନଲ ଓରଫ ଅନିଲ ଓରଫ ତୁଫାନ୍ ଦା ଏବଂ ୫୦ ଲକ୍ଷ ଟଙ୍କା ପୁରସ୍କାର ପାଇଥିବା ଅନମୋଲ ଦା ସମେତ ମୋଟ ୧୭ ଜଣ ନକ୍ସଲ ନିହତ ହୋଇଥିଲେ । ଏନକାଉଣ୍ଟର ସ୍ଥଳରୁ ମାତ୍ର ଦୁଇରୁ ତିନି କିଲୋମିଟର ଦୂରରେ ବିସ୍ଫୋରକ ମିଳିଛି । ଲୁଚାଯାଇଥିବା ଅନ୍ୟ ବିସ୍ଫୋରକଗୁଡ଼ିକୁ ଖୋଜିବା ଏବଂ ନକ୍ସଲ କାର୍ଯ୍ୟକଳାପକୁ ରୋକିବା ପାଇଁ ବର୍ତ୍ତମାନ ସାରଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି ।

ବିଜୁ ମହିଳା ସମିତିର ପ୍ରଥମ ସାଧାରଣ ସମ୍ପାଦିକା ଯୋଷ୍ଣା ପାତ୍ରଙ୍କ ବିୟୋଗ

ରାଉରକେଲା,୩୦/୧୦(ନି/ପ୍ର): ଗତକାଲି ଛେଣ୍ଡ କଲୋନୀ ଇସିଆର/୬୬ ରେ ବସବାସ କରୁଥିବା ୫୩ ବର୍ଷୀୟା ମହିଳା,ଜୋଷ୍ଣା ପାତ୍ରଙ୍କ ହୃଦଘାତ ଜନିତ ମୃତ୍ୟୁ ବରଣହୋଇଛି ।ତାଙ୍କର ପୁଅ ସୋମନାଥ ପାତ୍ର, ସାନଭାଇ ସୁରେଶ ପାତ୍ର ଓ ପରିବାର ସଦସ୍ୟ ମାନେ ଆଇଜିଏଚକୁ ଯଥା ଶୀଘ୍ର ନେଇଥିଲେ ମଧ ବଚାଂଇବାରେ ସଫଳ ହୋଇପାରିନଥିଲେ । ରାଉରକେଲାର ଜଣାଶୁଣା ମହିଳା ସଂଗଠନ ବିଜୁ ମହିଳା ସମିତିର ପ୍ରଥମ ସାଧାରଣ ସମ୍ପାଦିକା ଭାବେ ଦଇତ୍ୱ ତୁଲାଇଥିଲେ । ନର୍ସିଙ୍ଗ କାମ ଶିଖିଥିବାରୁ ନିଜଘର ନିକଟସ୍ଥ ରୋଗୀମାନଙ୍କୁ ବୀନା ଦେୟରେ ସେବା କରୁଥିଲେ । ଜୋଷ୍ଣା ପାତ୍ରଙ୍କ ବିୟୋଗରେ ରାଉରକେଲା ବିଧାୟକ ଶ୍ରୀଯୁକ୍ତ ସାରଦା ପ୍ରସାଦ ନାୟକ ଗଭୀର ଦୁଃଖପ୍ରକାଶ କରିଛନ୍ତି । ନିଜେ ଆରଜିଏଚରେ ଉପସ୍ଥିତ ରହି ସବ ବ୍ୟବଚ୍ଛେଦ ତଥା ସ୍ମଶାନ ଘାଟର ସମସ୍ତ ଦଇତ୍ୱ ତୁଲାଇ ଥିଲେ । ସମିତିର ଉପଦେଷ୍ଟା ଜୟନ୍ତକୁମାର ମିଶ୍ର,ଅଧକ୍ଷ୍ୟା ରଶ୍ମି ବାଲା ମିଶ୍ର,ସଭାପତି ତାରେଣୀ ଶେଠୀ ଗଭୀର ଶୋକ ଜଣାଇଛନ୍ତି । ସମିତିର ସଦସ୍ୟ କମଳା ପରିଡା,କବିତା ରଥ,ଜୟନ୍ତୀ ପତି,ଗୀତା ଦାସ,ଜେମାମଣି ମଢୁଆଳ ପ୍ରମୁଖ ତାଙ୍କ ବାସଭବନରେ ସେଶ ଦର୍ଶନ କରିଥିଲେ ।

ସଂକଳ୍ପ' ଆୟୋଜିତ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ନଭେମ୍ବର ୩ରୁ

ରାଉରକେଲା,୩୦/୧୦(ନି/ପ୍ର): ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ଓଡିଶା ସରକାର ଏବଂ ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସାଂସ୍କୃତିକ କଳା ପରିଷଦ 'ସଂକଳ୍ପ' ରାଉରକେଲା ଦ୍ୱାରା ୧୮ତମ ରାଜ୍ୟସ୍ତରୀୟ ଓଡିଆ ନାଟକ ମହୋତ୍ସବ ଆସନ୍ତା ନଭେମ୍ବର ୩ଠାରୁ ୭ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସିଭିକ୍ ସେଂଟରଠାରେ ଅନୁଷ୍ଠିତ ହେବ । ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫ଟି ନାଟ୍ୟାନୁଷ୍ଠାନ ସେମାନଙ୍କର ନାଟକ ପ୍ରଦର୍ଶନ କରିବେ । ଉଦ୍‌ଘାଟନୀ ସଂଧ୍ୟାରେ ବାଲେଶ୍ୱରର ନାୟିକା ପକ୍ଷରୁ ନାଟକ 'ତା'ରି ଲାଗି', ଦ୍ୱିତୀୟ ସଂଧ୍ୟାରେ ଯାଜପୁରର ଅନ୍ୱେଷଣ ଥିଏଟର ଗ୍ରୁପ୍ ଦ୍ୱାରା ନାଟକ 'ବାଲ୍ମୀକି', ତୃତୀୟ ସଂଧ୍ୟାରେ ସଂବଲପୁରର ଶ୍ରୀ କଲଚରାଲ ଆସୋସିଏସନ୍ ଦ୍ୱାରା ନାଟକ 'ସାଧନା', ଚତୁର୍ଥ ସଂଧ୍ୟାରେ ସୁନାବେଡାର ଗୋଲଡେନ୍ ମିଗ୍ କଳା ପରିଷଦ ଦ୍ୱାରା ନାଟକ 'ଅନୁପମା' ଏବଂ ପଂଚମ ତଥା ଉଦ୍‌ଯାପନୀ ସଂଧ୍ୟାରେ ରାଉରକେଲାର ପଂଚତତ୍ତ୍ୱ ପକ୍ଷରୁ ନାଟକ 'ଲୁହା ଶିକୁଳି' ମଂଚସ୍ଥ କରାଯିବ । ଉଦ୍‌ଘାଟନୀ ସଂଧ୍ୟାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଏବଂ ଉଦ୍‌ଯାପନୀ ସଂଧ୍ୟାରେ ରଘୁନାଥପାଲି ବିଧାୟକ ତଥା ସୁନ୍ଦରଗଡ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ଏହି ପଂଚଦିବସୀୟ କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ, ନାଟକ ଓ ସଂସ୍କୃତିର ଉନ୍ନତି କ୍ଷେତ୍ରରେ ବିଶେଷ ଅବଦାନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରେ ଖ୍ୟାତି ଅର୍ଜନ କରିଥିବା ଆମ ସହରର ସୁନାମଧନ୍ୟ କବି, ଲେଖକ, ନାଟ୍ୟକାର ତଥା ନାଟ୍ୟ ବ୍ୟକ୍ତିତ୍ୱମାନେ ଏବଂ ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ ଅଭିବୃଦ୍ଧି ନିମନ୍ତେ ଅବଦାନ ଥିବା ବିଶିଷ୍ଟ ବ୍ୟକ୍ତିବିଶେଷମାନେ ବରେଣ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଗୌରବାନ୍ୱିତ କରିବା ସହିତ ଆୟୋଜକମାନଙ୍କୁ ଉତ୍ସାହିତ କରିବେ । ଏହି ମହୋତ୍ସବରେ ସହରର କଳା, ସାହିତ୍ୟ, ନାଟକ ପ୍ରତି ରୁଚି ଥିବା ବ୍ୟକ୍ତିବିଶେଷମାନେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ 'ସଂକଳ୍ପ' ପକ୍ଷରୁ ସଭାପତି ଡଃ କିଶୋରୀ ଦାଶ ଏବଂ ସାଧାରଣ ସଂପାଦକ ପ୍ରକାଶ ସାହାଣୀ ବିନମ୍ର ନିବେଦନ କରିଛନ୍ତି ।

ସୁନ୍ଦରଗଡରେ ପିଏମ୍ କିଷାନ ଉତ୍ସବ ପାଳନ ସହ ୨୪ତମ କିସ୍ତି ପ୍ରଦାନ

ସୁନ୍ଦରଗଡ଼,୩୦/୧୦(ନି/ପ୍ର): ସୁନ୍ଦରଗଡ଼ ଠାରେ ଜିଲ୍ଲା ସ୍ତରୀୟ ପି ଏମ କିଷାନ୍ ଉତ୍ସବ ଦିବସ ପାଳିତ ହୋଇଯାଇଛି ଏବଂ ଏହା ସହିତ କୃଷକ ମାନଙ୍କୁ ପି ଏମ କିଷାନ୍ ଅନ୍ତର୍ଗତ ୨୪ତମ କିସ୍ତି ମଧ ପ୍ରଦାନ କରାଯାଇଅଛି । ଏହି ଅବସରରେ ସ୍ଥାନୀୟ ବିକାଶ ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନ ସଭାର ମାନ୍ୟବର ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ, ମାନ୍ୟବର ରଘୁନାଥପାଲି ବିଧାୟକ ଶ୍ରୀ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲା ପରିଷଦ ର ଅଧକ୍ଷା ସୁଶ୍ରୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଉପ ବାଚସ୍ପତି ଶ୍ରୀ ଭୋଇ ନିଜ ଅଭିଭାଷଣରେ ପ୍ରକାଶ କର୍ ଥିଲେ ଯେ, ପି ଏମ କିଷାନ୍ ଅର୍ଥ ରାଶି ଚାଷୀ ମାନଙ୍କୁ ଚାଷ ପ୍ରତି ଉତ୍ସାହିତ କରିବା ସହିତ ସେମାନଙ୍କ ଆର୍ଥିକ ଅବସ୍ଥା ରେ ଉନ୍ନତି ଆଣିବାରେ ସହାୟକ ହେଉଛି । ସେହିଭଳି ଜିଲ୍ଲାରେ ଚାଷୀ ମାନେ କେବଳ ଗୋଟିଏ ଚାଷ ପ୍ରତି ନିର୍ଭରଶୀଳ ରହି ସମନ୍ୱିତ ଚାଷ ପଦ୍ଧତି ମଧ ଆପଣାଇବା ନିମନ୍ତେ ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହା ସହିତ ଚାଷୀ ମାନଙ୍କୁ ଚାଷ କ୍ଷେତ୍ରରେ କୌଣସି ପ୍ରକାର ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ଥିଲେ ବିଭାଗୀୟ ଅଧିକାରୀ ମାନଙ୍କ ସହାୟତା ନେବାକୁ ମଧ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆଜି ଗୁଜରାଟର ବନସକୁଣ୍ଠା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପି ଏମ କିଷାନ୍ ଅନ୍ତର୍ଗତ ୨୪ତମ କିସ୍ତି ଚାଷୀ ମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟଂକୁ ସିଧାସଳଖ ଭାବେ ହସ୍ତାନ୍ତର କରିଛନ୍ତି । ସେହିଭଳି ପି ଏମ କିଷାନ୍ ଅନ୍ତର୍ଗତ ଜିଲ୍ଲାର ୧,୩୬,୩୫୮ ଚାଷୀ ମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟଂକୁ ସିଧାସଳଖ ଭାବେ କିସ୍ତି ହସ୍ତାନ୍ତର ହୋଇଅଛି । ସେହିଭଳି ବିକାଶ ଭବନ ଠାରେ ଗୁଜରାଟ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଅନୁଷ୍ଠିତ ହୋଇଥିଲା । ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଏବଂ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ରହିଥିଲେ ।

ବୀରମିତ୍ରପୁର ବିଧାୟକଙ୍କ ଶ୍ରମଶକ୍ତି ମହାବିଦ୍ୟାଳୟ ପରିଦର୍ଶନ

ବୀରମିତ୍ରପୁର,୩୦/୧୦(ନି/ପ୍ର): ବୀରମିତ୍ରପୁର ବିଧାୟକ ଶ୍ରୀ ରୋହିତ ଜୋସେଫ ତିର୍କୀ ଶ୍ରମଶକ୍ତି ମହାବିଦ୍ୟାଳୟ, ବୀରମିତ୍ରପୁର ପରିଦର୍ଶନ କରିଥିଲେ । ଏହି ଅବସରରେ ନବ ନିର୍ବାଚିତ ଛାତ୍ର ସଂସଦ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା ଯାହାକୁ ବିଧାୟକ ମହୋଦୟ ଭୂୟସୀ ପ୍ରଶଂସା କରିଥିଲେ । ଏବଂ ପରେ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ସହ ମହାବିଦ୍ୟାଳୟର ଉନ୍ନତି କାର୍ଯ୍ୟ ବିଷୟରେ ଆଲୋଚନା କଲେ । ମହାବିଦ୍ୟାଳୟର ଆର୍ଥିକ ସମସ୍ୟା ଏବଂ ୧୫୦ କଠଇ ଟ୍ରାନ୍ସଫର୍ମର ଆବଶ୍ୟକତା ବିଷୟରେ ବିଧାନସଭାରେ ସରକାରଙ୍କ ନଜରକୁ ଆଣିବେ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ବିଧାୟକ ପ୍ରାର୍ଥନିଧି ଶଶି ସାଗର, ବିଧାୟକଙ୍କ ଆଇନ ପରାମର୍ଶଦାତା ତଥା ଆଲୁମିନି ସଭାପତି ମହମ୍ମଦ ଏଜାଜ୍ ଆଲମ, ସମ୍ପାଦକ ଚୈତନ ତିୱାରି, ଛାତ୍ର ସଂସଦ ସଭାପତି ପ୍ରିୟ ସାହୁ, ଉପ ସଭାପତି ପ୍ରତିଭା କେରକେଟା, ସମ୍ପାଦକ ଶୃଷ୍ଟି ମିଂଜ୍, ଯୁଗ୍ମ ସଚିବ ମମତ ଇଂଦ୍ୱାର, ସଂକୃତିକ ସଚିବ ଯୁଗଲ ମିଂଜ୍, ଦେ ସକଲର ସଚିବ ସାରିକ ଆଲମ ଛାତ୍ର ନେତା ଜାନୁ ଆଲମ, ଧୋନି, ପୁଷ୍କର, ଶ୍ରଦ୍ଧା, ଉପସ୍ଥିତ ଥିଲେ ।

ଅସୁରାଳିରେ ଦୃଢ଼ ହେବ କ୍ରୀଡ଼ା ଭିତିଭୂମି

ବଦଳିବ ଅର୍ଦ୍ଧ ନିର୍ମିତ ଶହୀଦ ସ୍ମାରକୀ ଷ୍ଟାଡିୟମ

ଭଦ୍ରକ,୩୦/୧୦(ନି/ପ୍ର):ଭଦ୍ରକ ଜିଲା ଧାମନଗର ବ୍ଲକର ଶିକ୍ଷା କେନ୍ଦ୍ର କୁହାଯାଉଥିବା ଅସୁରାଳିରେ କ୍ରୀଡ଼ା ଭିତିଭୂମି ଦୃଢ଼ ଏବଂ ବିକଶିତ ହେବ ।ସାତ ବର୍ଷ ଧରି କେବଳ ଦୁଇ ପାର୍ଶ୍ୱର ପାଚେରୀରେ ସୀମିତ ଥିବା ପ୍ରସ୍ତାବିତ ଶହୀଦ ସ୍ମାରକୀ ଷ୍ଟାଡିୟମକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୨ କୋଟି ୪୯ ଲକ୍ଷ ୫୯ ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର ସହିତ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ଜଣାପଡିଛି ।କାର୍ଯ୍ୟାଦେଶ ମିଳିବା ପରେ ଏନେଇ ଠିକା ସଂସ୍ଥା ସହ ଆବଶ୍ୟକ ଚୁକ୍ତି ମଧ ସରିଥିବା ଜଣାଯାଇଛି ।ଏହି ଘଟଣାକୁ ନେଇ ଏବେ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଆଶା ଓ ଆଶ୍ୱସ୍ତି ପ୍ରକାଶ ପାଇଛି ।ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥ ପାର୍ଶ୍ୱସ୍ଥ ସ୍ଥାନୀୟ ଆଂଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଥିବା ପ୍ରାୟ ପାଂଚ ଏକର ଜାଗାରେ ଏହି ପ୍ରକଳ୍ପ ପରିକଳ୍ପନା କରାଯାଇଛି ।୨୦୧୯ ମସିହା ଫେବୃଆରୀ ମାସରେ ଅତ୍ୟନ୍ତ ତରବରିଆ ଭାବେ ଏଠାରେ ଏକ ଷ୍ଟାଡିୟମ ପାଇଁ ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା ।ଯାହା କେବଳ କେତେକାଂଶରେ ପାଚେରୀ ନିର୍ମାଣରେ ହିଁ ଅଟକି ରହିଥିଲା ।ତେବେ ସୂଚନା ଫଳକ ନଥିବାରୁ ନିର୍ମାଣ ହୋଇଥିବା ପାଚେରୀ ପାଇଁ କେଉଁ ବିଭାଗ ଏବଂ କେତେ ଅର୍ଥ ଖର୍ଚ୍ଚ ହୋଇଥିଲା ଏନେଇ କୌଣସି ସ୍ୱଷ୍ଟତା ଜଣାଯାଇନଥିଲା ।ପରବର୍ତ୍ତୀ ସମୟରେ ଧାମନଗର ବିଧାୟକ ତଥା ବର୍ତ୍ତମାନର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହା ଉପରେ ଧ୍ୟାନ ଦେଇଥିଲେ ଏବଂ ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିଛି ଦିନ ପୂର୍ବେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ।ନିକଟରେ ଷ୍ଟାଡିୟମକୁ ପୂର୍ଣ୍ଣାଙ୍ଗ ପରିଚୟ ଦେବା ପାଇଁ ଆରଏନବି ପକ୍ଷରୁ ନକ୍ସା ପ୍ରସ୍ତୁତ ସଂଗେ ସଂଗେ ଅନୁଦାନ ମିଳିଛି ।ଠିକାଦାର ରବୀନ୍ଦ୍ର ପ୍ରସାଦ ବାରିକ ଏହାର କାର୍ଯ୍ୟାଦେଶ ପାଇଥିବା ବେଳେ ଏଠାରେ ଫୁଟବଲ କ୍ରିକେଟ ଭଳି ଆଦି ଖେଳ ପାଇଁ ଭିତିଭୂମି ବିକାଶ କାର୍ଯ୍ୟ ସହିତ ଜିମ ସେଂଟର ଆଦି ସୁବିଧା ହେବ ।ଏଥି ସହିତ ସ୍ୱତନ୍ତ୍ର ଗ୍ୟାଲେରୀ ରିଫ୍ରେସ ହଲ ପାନୀୟ ଜଳ ବ୍ୟବସ୍ଥା ଅର୍ଦ୍ଧ ନିର୍ମିତ ପାଚେରୀକୁ ନିର୍ମାଣ ପ୍ରସ୍ତାବ ରହିଛି ।ଅସୁରାଳିର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଦୈନିକ ୫ ହଜାରରୁ ଅଧିକ ଛାତ୍ରଛାତ୍ରୀ ଆସୁଥିବା ବେଳେ ଷ୍ଟାଡିୟମ ଦ୍ୱାରା ସେମାନଙ୍କ କ୍ରୀଡ଼ା ଦକ୍ଷତା ବିକଶିତ ହେବା ସହ ଆଂଚଳିକସ୍ତରରେ ଯୁବକଯୁବତୀମାନେ ମଧ୍ୟ ଖେଳକୁଦ ପ୍ରତି ଆଗ୍ରହୀ ହୋଇ ପାରିବେ ।ଏଥି ସହ ଷ୍ଟାଡିୟମରେ ଏକାଧିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହୋଇ ପାରିବ ।

ରାଉରକେଲା ଷ୍ଟିଲ୍ ପ୍ଲାଂଟର ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଆନ୍ତର୍ଜାତୀୟ ସଂକ୍ରମଣ ପ୍ରତିରୋଧ ସପ୍ତାହ-୨୦୨୬ ପାଳିତ

ରାଉରକେଲା,୩୦/୧୦(ନି/ପ୍ର): ସେଲ୍ ରାଉରକେଲା ଷ୍ଟିଲ ପ୍ଲାଂଟ (ଆର.ଏସ.ପି)ର ଇସ୍ପାତ ଜେନେରାଲ ହସ୍ପିଟାଲ ପକ୍ଷରୁ ନର୍ସିଂ ଅଫିସର, ପାରାମେଡିକାଲ କର୍ମଚାରୀ ଏବଂ ନର୍ସିଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂକ୍ରମଣ ପ୍ରତିରୋଧ ଏବଂ ନିୟନ୍ତ୍ରଣ ଅଭ୍ୟାସ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏବଂ ରୋଗୀଙ୍କ ସୁରକ୍ଷା ତଥା ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଗୁରୁତ୍ୱ ଦେଇ ନିକଟରେ ସଂକ୍ରମଣ ପ୍ରତିରୋଧ ସପ୍ତାହ ୨୦୨୬ ପାଳନ କରାଯାଇଛି । ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବାର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାରୀ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମାଇକ୍ରୋବାୟୋଲୋଜିଷ୍ଟ ଡାକ୍ତର ରାଜୀବ କୁମାର ସେଠ; ଭୂତାଣୁ ବିଜ୍ଞାନୀ ତଥା ସଂକ୍ରମଣ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ଆଶିତ ଭୂଷଣ ଏକ୍କେସ୍; ହସ୍ପିଟାଲ ପ୍ରଶାସନର ପରିଚାଳକ ଡାକ୍ତର ଶ୍ରବଣ ସାଇ କୁମାର ଏବଂ ଅନ୍ୟାନ୍ୟ ବରିଷ୍ଠ ଡାକ୍ତରମାନେ ଉପସ୍ଥିତ ଥିଲେ । ଆରଏସ୍.ପି.ର ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବାର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାରୀ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ ତାଙ୍କ ଅଭିଭାଷଣରେ ରୋଗୀମାନଙ୍କୁ ସୁରକ୍ଷା ଦେବା, ସ୍ୱାସ୍ଥ୍ୟସେବା ଜନିତ ସଂକ୍ରମଣକୁ ହ୍ରାସ କରିବା ଏବଂ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ତଥା ସୁରକ୍ଷାର ଉଚ୍ଚ ମାନ ବଜାୟ ରଖିବାରେ ସଂକ୍ରମଣ ପ୍ରତିରୋଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଆ.ର.ଏସ୍.ପି.ର ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବାର ଉପ-ପ୍ରାଧାରାପତି ତଥା ନର୍ସିଂ ଶିକ୍ଷାର ଇନ୍-ଚାର୍ଜ ଡାକ୍ତର ନବନୀତା ଜେନା ସଂକ୍ରମଣ ପ୍ରତିରୋଧ ଏବଂ ନିୟନ୍ତ୍ରଣ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ । ସେ ମାନକ ସତର୍କତା ଅବଲମ୍ବନ କରିବା, ନିରାପଦ ସ୍ୱାସ୍ଥ୍ୟସେବା ଅଭ୍ୟାସକୁ କାର୍ଯ୍ୟକାରୀ କରିବା ଏବଂ ସ୍ୱାସ୍ଥ୍ୟସେବା ଜନିତ ସଂକ୍ରମଣକୁ ପ୍ରତିରୋଧ କରିବାରେ ସ୍ୱାସ୍ଥ୍ୟସେବା ବୃତିଜୀବୀମାନଙ୍କର ମିଳିତ ଦାୟିତ୍ୱର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଆଇ.ଜି.ଏଚ୍.ର ସଂକ୍ରମଣ ନିୟନ୍ତ୍ରଣ ନର୍ସ କୁମାରୀ ରାହିଲ ଟପ୍ପୋ ସଂକ୍ରମଣ ପ୍ରତିରୋଧ ସପ୍ତାହ ୨୦୨୬ ର ବିଷୟବସ୍ତୁ, ଜେନେରେସନ୍ସ ଅଫ୍ ଇନଫେକ୍ସନ ପ୍ରିଭେନସନ୍: ପାଷ୍ଟ. ପ୍ରେଜେଂଟ. ପ୍ରୋଟେକ୍ଟେଡ୍ ଉପସ୍ଥାପନ କରିଥିଲେ । ଏହି ବିଷୟବସ୍ତୁ ବର୍ଷ ବର୍ଷ ଧରି ସଂକ୍ରମଣ ପ୍ରତିରୋଧ ଅଭ୍ୟାସର ବିକାଶକୁ ଆଲୋକିତ କରିଥିଲା ଏବଂ ଏକ ନିରାପଦ ସ୍ୱାସ୍ଥ୍ୟସେବା ପରିବେଶ ସୁନିଶ୍ଚିତ କରିବା ପାଇଁ ସଂକ୍ରମଣ ନିୟନ୍ତ୍ରଣ ପଦକ୍ଷେପଗୁଡ଼ିକୁ ମଜବୁତ କରିବାର ନିରନ୍ତର ଗୁରୁତ୍ୱକୁ ଦର୍ଶାଇଥିଲା । ଆଇ.ଜି.ଏଚ୍. ର ନର୍ସିଂ ସୁପରିଂଟେଣ୍ଡେଂଟ ଶ୍ରୀମତୀ ମୀରା ପତିଙ୍କ ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମଟି ଶେଷ ହୋଇଥିଲା । ନର୍ସିଂ ଅଫିସର, ପାରାମେଡିକାଲ କର୍ମଚାରୀ ଏବଂ ନର୍ସିଂ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରାୟ ୮୦ ଜଣ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଏବଂ ସଂକ୍ରମଣ ପ୍ରତିରୋଧ ଏବଂ ନିୟନ୍ତ୍ରଣ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୃଢ଼ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୁମାରୀ ରାହିଲ ଟପ୍ପୋ ପରିଚାଳନା କରିଥିଲେ । ଏହି ପାଳନ ସଂକ୍ରମଣ ପ୍ରତିରୋଧ ଏବଂ ନିୟନ୍ତ୍ରଣ ଅଭ୍ୟାସକୁ ମଜବୁତ କରିବା ଏବଂ ସମଗ୍ର ଅନୁଷ୍ଠାନରେ ରୋଗୀ ସୁରକ୍ଷା, ବୃତିଗତ ଉତରଦାୟିତ୍ୱ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲର ପ୍ରତିବଦ୍ଧତାକୁ ପୁନଃପ୍ରମାଣିତ କରିଛି ।